## ଅଗ୍ନିସେବା ସପ୍ତାହରେ ବାହାରିଲା ସଚେତନତା ରଥ

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅଗ୍ନିସେବା ବିଭାଗ ତରଫରୁ ସଚେତନତା ବାହାରିଛି। ଏହି ରଥର ଶୁଭାରମ୍ଭ କରିଥିଲେ ଅଗ୍ନିଶମ ବିଭାଗ ଅଧିକାରୀ ରଞ୍ଜିତ କେରକେଟା। ପ୍ରଥମ ଦିବସରେ ମୁରିବାହାଲ ଗ୍ରାମର ବିଭିନ୍ନ ପଡା ଯାଇ ରଥ ଅଗ୍ନିକାଣ୍ଡରୁ ବର୍ତ୍ତିବା ପାଇଁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ନିସମ ବିଭାଗର ମିନିକେତନ ନାଏକ, ସୁଶୀଲ ଭୋଇ, ନରେନ୍ଦ୍ର ଶ୍ରୀଧର, ସତ୍ୟବ୍ରଥ ସେଠୀ, ସୁରେନ୍ଦ୍ର ପ୍ରଧାନ, ବିକ୍ରମ ନାଏକ ପ୍ରମୁଖ ଉପସ୍ଥିତି ଥିଲେ।

# ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ସୁନ୍ଦରଗଡ଼, ୧୪।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଗୁରୁବାର ସ୍ଥାନୀୟ ଜିଲା ସଂସ୍କୃତି ଭବନଠାରେ ଏଥିପାଇଁ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶୁଭାରମ୍ଭ ହୋଇଥିବା ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ଭିତରେ ରହିଛି ସୁନ୍ଦରଗଡ଼ ଜିଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳକୁ ରାଜ୍ୟ ସରକାରଙ୍କ ତ୍ୱରାନ୍ୱିତ ପୋଷଣ କାର୍ଯ୍ୟକ୍ରମ 'ସୋପାନ'ର ସମ୍ପ୍ରସାରଣ। ସେହିପରି ଜିଲାରେ ଥିବା ସରକାରୀ ହାଇସ୍କୁଲ ହଷ୍ଟେଲଗୁଡ଼ିକର ରୂପାନ୍ତରଣ, ଶ୍ରମଜୀବୀ ମହିଳାଙ୍କ କୁନି ପିଲାଙ୍କ ଯତ୍ନ ପାଇଁ 'କଳିକା' ଗୃହ ଏବଂ ଗ୍ରାମାଞ୍ଚଳରେ ପୋଖରୀଗୁଡ଼ିକ ପୁନରୁଦ୍ଧାର ଓ ବିକାଶ କାର୍ଯ୍ୟକ୍ରମ। ଜିଲା ଖଣିଜ ପ୍ରତିଷ୍ଠାନର ଆର୍ଥିକ ସହାୟତା କ୍ରମେ ଏ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ନିଖିଲ ପବନ କଲ୍ୟାଣ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନର ନୂତନ ୱେବସାଇଟ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ ଡିଏମ୍‌ଏଫ୍ ସୁନ୍ଦରଗଡ଼ ଡଟ୍ ଇନ୍ ଶୁଭାରମ୍ଭ କରାଯାଇଛି। ଏହାକୁ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମଞ୍ଚରେ ଲୋକାର୍ପଣ କରିଥିଲେ। ଏହି ୱେବସାଇଟ୍‌ରେ ଡିଏମ୍‌ଏଫର ଆର୍ଥିକ ସହାୟତାରେ ଜିଲାରେ ପରିଚାଳିତ ବିଭିନ୍ନ




ଜନକଲ୍ୟାଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଉଦ୍‌ବୋଧନ ଦେଉଛନ୍ତି।

- ସରକାରୀ ହାଇସ୍କୁଲ ହଷ୍ଟେଲଗୁଡ଼ିକର ରୂପାନ୍ତରଣ
- ଶ୍ରମଜୀବୀ ମହିଳାମାନଙ୍କ କୁନି ପିଲାଙ୍କ ଯତ୍ନ ପାଇଁ 'କଳିକା'
- ଗ୍ରାମାଞ୍ଚଳରେ ପୋଖରୀ ପୁନରୁଦ୍ଧାର ଓ ବିକାଶ କାର୍ଯ୍ୟକ୍ରମ
- ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନର ୱେବସାଇଟ ଲୋକାର୍ପଣ

ପ୍ରକଳ୍ପର ବିବରଣୀ, ଭିଡିଓ ଏବଂ ବାର୍ଷିକ ରିପୋର୍ଟ, ସୂଚନାପତ୍ର ତଥା ବିଭିନ୍ନ ପ୍ରକଳ୍ପ ସମ୍ପର୍କିତ ପୁସ୍ତିକା ପ୍ରକାଶ କରାଯାଉଛି। ଏହା ଦ୍ୱାରା ସୁନ୍ଦରଗଡ଼ ଜନସାଧାରଣ ଏବଂ ବିଭିନ୍ନ ପ୍ରକଳ୍ପର ହିତାଧିକାରୀ ବିଭିନ୍ନ ସୂଚନା ପାଇପାରିବେ। ଏହି ଅବସରରେ ଜିଲାପାଳ କହିଥିଲେ ଯେ, ସ୍ଥାନୀୟ ଜନସାଧାରଣଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଜିଲାରେ ବିଭିନ୍ନ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହାଫଳରେ ଛାତ୍ରୀଛାତ୍ର, ଶିଶୁ, ଗର୍ଭବତୀ ଓ ପ୍ରସୂତି ମା' ବିଶେଷ ଉପକୃତ ହେବେ। ତା'ଛଡ଼ା ସୁନ୍ଦରଗଡ଼ ଗ୍ରାମାଞ୍ଚଳର ବିକାଶକୁ ଦୃଷ୍ଟିରେ ରଖି ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି। ଡିଏମ୍‌ଏଫ୍‌ର ନୂତନ ୱେବସାଇଟ ମାଧ୍ୟମରେ ଜନସାଧାରଣଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହିତ ସିଧାସଳଖ ଯୋଗାଯୋଗ ହୋଇପାରିବେ। ପ୍ରମୁଖ କାର୍ଯ୍ୟକ୍ରମ ଭାବେ ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ ପରିଚାଳିତ ସମସ୍ତ ସରକାରୀ ହାଇସ୍କୁଲର ଛାତ୍ରୀ ନିବାସ ଓ ଛାତ୍ରାବାସର ରୂପାନ୍ତରଣ କାର୍ଯ୍ୟ ହାତକୁ ନିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୩୫ଟି ରୂପାନ୍ତରଣ କରାଯାଉଛି। ହଷ୍ଟେଲ ଭିତ୍ତିଭୂମିରେ ଆଧୁନିକ ପାଠାଗାର ଓ ରିଡିଙ୍ଗ ରୁମ୍, ବ୍ୟାୟାମ ତଥା ବିଭିନ୍ନ ଇନଡୋର କ୍ରୀଡ଼ା ବ୍ୟବସ୍ଥା ସହ ଅନ୍ତେବାସୀଙ୍କ ପୋଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସୁନ୍ଦରଗଡ଼ ଏକ ଶିଳ୍ପ ସମୃଦ୍ଧ ଜିଲା। ତେଣୁ ଜିଲାର ଶ୍ରମଜୀବୀ ମହିଳାଙ୍କ ସୁବିଧା ପାଇଁ, ବିଶେଷକରି ସେମାନଙ୍କ କୁନି ପିଲାଙ୍କୁ ସେବା ଯତ୍ନ ଯୋଗାଇଦେବା ଲାଗି 'କଳିକା' ଗୃହର ଶୁଭାରମ୍ଭ କରାଯାଇଛି। ଏଠାରେ ସାନ ପିଲାଙ୍କ ପାଇଁ ସୁରକ୍ଷା ଓ ପୋଷଣ ସହ ଆନନ୍ଦମୟ ଶିକ୍ଷା ପରିବେଶ ସୃଷ୍ଟି କରାଯିବ। ଗ୍ରାମାଞ୍ଚଳରେ ଥିବା ପୋଖରୀଗୁଡ଼ିକ ପୁନରୁଦ୍ଧାର ଓ ବିକାଶ ଲାଗି ଜିଲା ପ୍ରଶାସନ ବିଶେଷ ପଦକ୍ଷେପ ନେବାକୁ ଯାଉଛି। ଜିଲାର ସମସ୍ତ ୧୭ଟି ବ୍ଲକର ୨୭୯ଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଲାଗୁ କରାଯିବ। ଏହି କାର୍ଯ୍ୟକ୍ରମ ଫଳରେ ପ୍ରଦୂଷିତ ଏବଂ ଅବ୍ୟବହୃତ ପୋଖରୀଗୁଡ଼ିକ ପୁନରୁଦ୍ଧାର କରାଯାଇ ସେଗୁଡ଼ିକ ଲୋକଙ୍କ ଦୈନନ୍ଦିନ ବ୍ୟବହାର ସହିତ କୃଷି ଓ ଜୀବିକା ବିକାଶ ଦିଗରେ ବ୍ୟବହାର କରାଯାଇପାରିବ। ସୁନ୍ଦରଗଡ଼ ବହି ପଢ ଅଭିଯାନ ଅଧୀନରେ ଜିଲାର ବିଭିନ୍ନ ସାର୍ବଜନୀନ ପାଠାଗାର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବହି ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସାଗତିକା ପଣ୍ଡା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରବାସିନୀ ଚକ୍ରଙ୍କ ସହିତ ଜିଲା ପ୍ରଶାସନ ଏବଂ ଜିଲା ଖଣିଜ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀ, ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଡାକବଙ୍ଗଳା ପରିସରରେ ଲାଗିଲା ନିଆଁ

ଲହୁଣୀପଡ଼ା,୧୪।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଛକଠାରେ ଥିବା ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ କେହି ଅଜଣା ବ୍ୟକ୍ତି ଗୁରୁବାର ନିଆଁ ଲଗେଇ ଦେଇଥିଲେ। ଡାକବଙ୍ଗଳାର ସୌନ୍ଦର୍ଯ୍ୟକରଣ ପାଇଁ ଲାଗିଥିବା ବିଭିନ୍ନ ବୃକ୍ଷଲତା ସହିତ ଏକ ବାଉଁଶ ବୁଦା ପୋଡି ନଷ୍ଟ ହୋଇ ଯାଇଛି। ଡାକ ବଙ୍ଗଳାର ଜଗୁଆଳି ନିଆଁ ଲାଗିଥିବା ଜାଣିପାରି ସ୍ଥାନୀୟ ଲୋକଙ୍କୁ ସୂଚନା ଦେବାରୁ ଲୋକମାନେ ପହଞ୍ଚି ଲହୁଣୀପଡ଼ା ଅଗ୍ନିଶମ ବିଭାଗକୁ ଖବର ଦେବା ସହିତ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ। ଖବରପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଥିବା ଜଣାପଡ଼ିଛି। ପାଚେରୀ ନିକଟରେ ଲହୁଣୀପଡ଼ା ଷ୍ଟେଟ ବ୍ୟାଙ୍କ, ଲଟେଇମୁଣ୍ଡି ପ୍ରାଥମିକ ଉଚ୍ଚ ବିଦ୍ୟାଳୟ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ଜନବସତି ରହିଛି। ଏହା ସହ ଡାକବଙ୍ଗଳାର ଚାରିପଟେ ସୁଉଚ୍ଚ ପାଚେରୀ ଥିବା ସତ୍ତ୍ୱେ କେମିତି ନିଆଁ ଲାଗିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ବନାନୀ ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ମିଳନ




ଲହୁଣୀପଡା,୧୪।୪(ଡି.ଏନ.ଏ): ବନାନୀ ସାହିତ୍ୟ ସଂସଦ ଲହୁଣୀପଡା ପକ୍ଷରୁ ଗୋପନା ସ୍ଥିତ ଶିଶୁ ସଂସ୍କାର ବିଦ୍ୟା ମନ୍ଦିର ଠାରେ ବିଷୁବ ମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏକାଧାରରେ ଜଣେ ସାହିତ୍ୟିକ,କବି ଓ ଜଣେ ଦକ୍ଷ ପ୍ରଶାସକ ଭାବେ ଜଣାଶୁଣା କେବଲାଙ୍ଗ ଥାନା ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁ ଯୋଗଦେଥିଲେ। ସମ୍ମାନୀତ ଅତିଥି ଭାବେ ଲହୁଣୀପଡ଼ା ଏବିଇଓ ନରହରି କିଷାନ, ମୁଖ୍ୟବକ୍ତା ଭାବେ ଯଦୁପତି ମହାବିଦ୍ୟାଳୟର ଅଧାପକ ପ୍ରଶାନ୍ତ କିଶୋର ଚଇନି ଯୋଗ ଦେଇଥିଲେ। ଦୁବରାଜ ମାହାନ୍ତଙ୍କ ଅଧକ୍ଷତାରେ ଓ ଦୈତାରି ମାହାନ୍ତଙ୍କ ମଞ୍ଚ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନାନୀ ସାହିତ୍ୟ ସଂସଦ ସମ୍ପାଦକ କୁମାର ଗୌତମ ବାରିକ ପରିଚୟ ପ୍ରଦାନ ଓ ବିଷୁବ ମିଳନ ପାଳନ ସମ୍ପର୍କରେ ଉପସ୍ଥିତ ସାହିତ୍ୟ ପ୍ରେମୀଙ୍କ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ଅତିଥିମାନଙ୍କୁ ଶ୍ରୀଫଳ ଓ ପୁଷ୍ପ ଦେଇ ସ୍ୱାଗତ କରାଯାଇଥିଲା। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ତୁଳସୀ ଘଟରେ ପାଣି ଢାଳି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ବିଷୁବ ସଂକ୍ରାନ୍ତି ଓ ଉତ୍କଳୀୟ ନବବର୍ଷ, ନୂତନ ପାଞ୍ଜି ପ୍ରଚଳନ ସହିତ ଓଡ଼ିଆ ଭାଷା ସାହିତ୍ୟ ର ଅବଦାନ ଏବଂ ଉତ୍କଳୀୟ ପରମ୍ପରା ଓ ସଂସ୍କୃତି ର ନିଚ୍ଛକ ପ୍ରତିଛବି ଏହି ପଣା ସଂକ୍ରାନ୍ତି ଓ ବିଷୁବ ମିଳନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଗୋପୀ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଘାସିରାମ ମାହାନ୍ତ, ପୂର୍ଣ ଚନ୍ଦ୍ର ମହାକୁଡ଼, ସନ୍ତୋଷ କୁମାର ପାତ୍ର, ନାଥୁରାମ ମାହାନ୍ତ, ସନ୍ଧ୍ୟାରାଣୀ ମାହାନ୍ତ, ପୁଷ୍ପକ କୁମାର ମାହାନ୍ତ, ଅନିତା ମାହାନ୍ତ, ନିବେଦିତା ମାହାନ୍ତ,ରାଧି କିଷାନ, ସଞ୍ଜିତା ମାହାନ୍ତ, ମାନିନୀ ପାତ୍ର, ଦୀପିକା କିଷାନ ସମେତ ବନାନୀ ସାହିତ୍ୟ ସଂସଦ ଓ ଶିଶୁ ସଂସ୍କାର ବିଦ୍ୟା ମନ୍ଦିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍କର୍ପିଓ ଭିତରେ ଚୋରା ଗୋରୁ ଚାଲାଣ

ଟେନ୍‌ସା,୧୪।୪(ଡି.ଏନ.ଏ)

କୋଇଡ଼ା ଅଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଗୋରୁ ଚୋରି। ରାତିରେ ଚୋରମାନେ ସକ୍ରିୟ ହେଉଛନ୍ତି। କୋଇଡାର ବିଭିନ୍ନ ଗାଁରୁ ୧୦୦ରୁ ଊର୍ଦ୍ଧ୍ୱ ହେବ ବଳଦ ଚୋରି ହୋଇସାରିଲାଣି। କିନ୍ତୁ ଚୋରକୁ ଧରିବାରେ ବିଫଳ ଗ୍ରାମବାସୀ। କିଛି ଦିନ ପୂର୍ବରୁ ଜଣେ ଚୋର ମଇଁଷୀ ଚୋରି କରି ନେଇକି ଯିବା ସମୟରେ ଇନ୍ଦୁପୁର ଗ୍ରାମବାସୀଙ୍କ ନିକଟରେ ଧରା ପଡିଥିଲେ। ଗ୍ରାମବାସୀ ଚୋରକୁ ପୋଲିସରେ ଜିମା ଦେଇଥିଲେ। ସେହିପରି ମଙ୍ଗଳବାର ରାତିରେ ନୂଆ ତରିକାରେ ସ୍କର୍ପିଓ ଗାଡ଼ିରେ ଗୋରୁ ଚୋରି କରି ନେଇ ଯାଉଥିବା ସମୟରେ ମଣ୍ଡଯୋଡା ଗାଁ ଲୋକେ ଜାଣିପାରି ଅଟକାଇ ଥିଲେ। ହେଲେ ଚୋର ସ୍କର୍ପିଓକୁ ଛାଡି ରାତିର ସୁଯୋଗ ନେଇ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। ଗ୍ରାମବାସୀ ସ୍କର୍ପିଓ ଗାଡ଼ି ଓଡ଼ି ୦୫ ଡବ୍ଲ୍ୟୁ ୨୪୨୫ କୁ ଜବତ କରିବା ଶହ ଗାଡ଼ିରେ ଥିବା ତିନୋଟି ବଳଦ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। କୋଇଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

## କୁତ୍ରାରେ ମହାବିଷୁବ ସଂକ୍ରାନ୍ତି ପାଳିତ

କୁତ୍ରା, ୧୪।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ୧୦ନମ୍ବର ରାଜ୍ୟ ରାଜପଥ 'କ' ମା' ତାରିଣୀ ପିଠରେ ଘଟଗାଁ ତାରିଣୀଙ୍କ ପ୍ରସିଦ୍ଧ ଝାମୁଯାତ୍ରା ପର୍ବ ପାଳିତ ହେବା ସହ ମହାବିଷୁବ ସଂକ୍ରାନ୍ତିର ବିଶେଷ ପୂଜାବିଧି ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳେ ପାରମ୍ପରିକ ରିତିରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ କରାଯାଇ ଠାକୁରାଣୀଙ୍କ ପାଖରେ ପଣା ଭୋଗ ଲାଗି କରାଯାଇଥିଲା । ଏଥିପାଇଁ ମା' ତାରିଣୀ ପୀଠ ତରଫରୁ ବିଶେଷ ପ୍ରସ୍ତୁତି କରାଯାଇଥିଲା। ମା'ଙ୍କର ପୂଜାର୍ଚ୍ଚନା ପରେ ଭକ୍ତମାନଙ୍କୁ ପଣାଭୋଗ ପ୍ରଦାନ ସହ ସନ୍ଧ୍ୟାରେ ଠାକୁରାଣୀଙ୍କର ଶୋଭାଯାତ୍ରା କୁତ୍ରା ଗ୍ରାମ ପରିକ୍ରମା କରିଥିଲା । ମନ୍ଦିର କମିଟି ତରଫରୁ ସମସ୍ତ କାର୍ଯ୍ୟକ୍ରମକୁ ଗଣେଷ ନାଏକ,ବୁଟୁ ଦାସ, ଭୋଜରାଜ ନାଏକ,ରାଜୀବ ନାଏକ ପ୍ରମୁଖ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରବୀନ୍ଦ୍ର ପଣ୍ଡା ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ।



ଝଣ୍ଡା ଶୋଭାଯାତ୍ରାରେ ସାମିଲ ଯୁବକ।

## ବଜରଙ୍ଗ ମଣ୍ଡପ ପକ୍ଷରୁ ଝଣ୍ଡା ଶୋଭାଯାତ୍ରା

ଦେବଗଡ଼,୧୪।୪ (ଡି.ଏନ୍.ଏ.)

ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ସ୍ଥାନୀୟ ଗୋପାଳ ଜୀ ମନ୍ଦିର ବଜରଙ୍ଗ ମଣ୍ଡପ ପକ୍ଷରୁ ଝଣ୍ଡା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଶ୍ରୀ ଗୋପାଳ ଜୀ ମନ୍ଦିର ପରିସରରୁ ବଜରଙ୍ଗ ମଣ୍ଡପର ସଦସ୍ୟମାନେ ବିଭିନ୍ନ ବାଦ୍ୟର ତାଳେ ତାଳେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ପବିତ୍ର ଝଣ୍ଡାକୁ କାନ୍ଧରେ ବୋହି ସହରର ସମସ୍ତ ସାହି ରାସ୍ତା ଦେଇ ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରାକୁ ବିଭିନ୍ନ ସାହିରେ ଝୋଟି କଳସ ସହ ସ୍ୱାଗତ କରାଯାଇଥିଲା। ପ୍ରତି ଛକରେ ପବିତ୍ର ଝଣ୍ଡାକୁ ଦୀପଧୂପ ସହ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ବଜରଙ୍ଗ ମଣ୍ଡପ ସଦସ୍ୟମାନେ ପ୍ରତି ସାହି ଛକଠାରେ ଖଣ୍ଡା ଓ ଲାଠି ଚାଳନା କୌଶଳ ପ୍ରଦର୍ଶନ କରିଥିଲେ।

## ଡକାୟତି ଯୋଜନା ବିଫଳ: ୩ ଗିରଫ

ରାଉରକେଲା ଅଫିସ,୧୪।୪: ରାଉରକେଲା ସେକ୍ଟର-୭ ଥାନା ଅଧୀନ ୫ନଂ. ଭିଆଇପି ମାର୍କେଟ ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ୩ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୫ ସ୍ଥିତ ଆମ୍ବେଡ୍କର ବସ୍ତିର ସାଗର ନାୟକ(୨୫), ବିଚିତ୍ର ବେହେରା(୨୨) ଓ ଶଙ୍କର ନାୟକ(୨୧)। ପୋଲିସ ସେମାନଙ୍କ ଠାରୁ ଗୋଟିଏ ଦେଶୀ ପିସ୍ତଲ, ଦୁଇଟି ଛୁରି, ଗୋଟିଏ ଲୁହାରଡ୍ ଓ ସ୍କ୍ରୁଡ୍ରାଇଭର ଜବତ କରିଛି। ଏ ନେଇ ଏକ ମାମଲା (ନଂ.୫୦।୨୨) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସତୀଶ କୁମାର ନାୟକ କହିଛନ୍ତି।

## ଗଇଲୋ ଘାଟିରେ ଅଟୋ ଓଲଟି ୧୫ ଗୁରୁତର

ଦେବଗଡ଼,୧୪।୪(ଡି.ଏନ୍.ଏ.)

ଦେବଗଡ଼ ଜିଲା ଗଇଲୋ ଘାଟିରେ ଅଟୋ ଓଲଟି ପୁରୁଷ, ମହିଳା ଓ ଶିଶୁ ସମେତ ୧୫ ଜଣ ଗୁରୁତର ହୋଇଛନ୍ତି। ୧୦୮ ଆମ୍ବୁଲାନ୍ସ ସହାୟତାରେ ଗୁରୁତରଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁବାର ପଣାସଂକ୍ରାନ୍ତି ଅବସରରେ ଗଇଲୋ ଗ୍ରାମରୁ କାଳିଆ ଖମାର ତାରିଣୀ ଦର୍ଶନ ପାଇଁ ଯାଉଥିବାବେଳେ ଏହି ଦୁର୍ଘଟଣା ହୋଇଥିବା ଜଣାପଡିଛି। ଗୁରୁତରମାନେ ହେଲେ ଗଇଲୋ ଗ୍ରାମର ଜୟନ୍ତୀ ବାଘ, ସସ୍ମିତା ମହାକୁଳ, ବିମଳା ବାଘ, ଭଗବତୀ ବାଘ, ଅମୃତି ବାଘ, କୁନ୍ତଳା ବାଘ, ଚିନ୍ତାମଣି ବାଘ, ରାଉତରାୟ ଦେହୁରୀ, ହେମଲତା ବାଘ, ବେନୁପାଣି ବାଘ, ମୁନା ସାହୁ, ରୁକ୍ମଣୀ ସାହୁ। ଅନ୍ୟମାନଙ୍କ ପରିଚୟ ମିଳିପାରିନାହିଁ। ଗତ ୨୦୧୬ ଏପ୍ରିଲ ୧୭ ତାରିଖରେ ସମାନ ଦୁର୍ଘଟଣା ସ୍ଥଳରେ ଯାତ୍ରା କଳାକାର ବସ ଦୁର୍ଘଟଣା ଘଟି ୨୭ ଯାତ୍ରା କଳାକାରଙ୍କ ମୃତ୍ୟୁ ଘଟିଥିଲା ।



ଗଇଲୋ ଘାଟିରେ ଅଟୋ ଓଲଟି ପଡିଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ବାଉଁଶୁଣୀ/ବୌଦ୍ଧ,୧୪।୪ (ଡି.ଏନ.ଏ./ସ୍ୱ.ପ୍ର.)

ବୌଦ୍ଧ ବ୍ଲକ ମନମୁଣ୍ଡା ରେଞ୍ଜ ଅନ୍ତର୍ଗତ ଖଲିଆପାଲି ପଞ୍ଚାୟତର କୁମରକାନି ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କୁମରକାନୀ ଗ୍ରାମର ଦେହେରିବୁଢା ମଲ୍ଲିକ । ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୦ଟା ସମୟରେ କୁମରକାନି ଗ୍ରାମର ଦେହେରି ବୁଢା ଗ୍ରାମ ନିକଟରେ ଥିବା ଏକ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ତାଙ୍କୁ ଏକ ଭାଲୁ ଆକ୍ରମଣ କରିଥିଲା। ସେ ଜୀବନ ବିକଳରେ ଭାଲୁ ସହ ଲଢାଇ କରିଥିଲେ ହେଁ ତାଙ୍କର ମୁଣ୍ଡ ଓ ଗୋଡରେ ଆଘାତ ଲାଗିଛି ।

## ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଆମ୍ବେଡ଼କର ଜୟନ୍ତୀ




ଡ. ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ସୁନ୍ଦରଗଡ଼, ୧୪।୪(ଡି.ଏନ୍.ଏ.)

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଗୁରୁବାର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକଳ୍ପର ଚିଫ୍ ଜେନେରାଲ ମ୍ୟାନେଜର ଅଭୟ କୁମାର ସାମାୟାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଡ.ଆମ୍ବେଡ଼କରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ଏନ୍‌ଟିପିସି ଦର୍ଲିପାଲି ପ୍ରକଳ୍ପର ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସଂଘର ସଭାପତି ସି.ଆର ହନସେଲଙ୍କ ସମେତ ପ୍ରକଳ୍ପର ସମସ୍ତ ଜେନେରାଲ ମ୍ୟାନେଜର ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ବାବା ସାହେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବାଲ ଭାରତୀ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଏମଟି କେ. ଭାଗେଶ୍ୱର, ଏ ମୈତ୍ର, ବିଶାଲ ମାଥୁର, ସଞ୍ଜୟ ଶ୍ରୀବାସ୍ତବ, ସୁଭାଷ ଠାକୁରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବାବା ସାହେବ ଆମ୍ବେଡ଼କର ଜୟନ୍ତୀ

ଦେବଗଡ଼,୧୪।୪(ଡି.ଏନ୍.ଏ.)

ଜିଲାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଡ଼କରଙ୍କ ୧୩୧ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ସୂଚନା କେନ୍ଦ୍ରଠାରେ ଜିଲା ସଂସ୍କୃତି ପରିଷଦ ସମ୍ପାଦକ ଦିଲ୍ଲୀପ ଗୁରୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ବଣାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଜେନାମଣି ସାହୁ, ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥି, ହରିଜନ ଆଦିବାସୀ ଉନ୍ନୟନ ସଂସ୍ଥା ଏଚଏଡିଟିର ସମ୍ପାଦକ ଡକ୍ଟର ଉଇଲିୟମ ହେନେଜ, ମିତ୍ରଭାନୁ ମହାପାତ୍ର, ଓ ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ରହିଥିଲେ । ଏହି ଅବସରରେ ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ପୌର ପରିଷଦ କଲ୍ୟାଣ ମଣ୍ଡପ ଠାରେ ନଗର ଭାଜପା ଅନୁସୂଚିତ ଜାତି ସେଲ ପକ୍ଷରୁ ଡକ୍ଟର ଭୀମ ରାଓ ଆମ୍ବେଡ଼କର ଜୟନ୍ତୀ ପାଳିତ ହୋଇଯାଇଛି। ଦେବଗଡ଼ ପୌର ପରିଷଦ ଉପନଗରପାଳ ପ୍ରଜିତ କୁମାର ଭୋଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀ ସଭାରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ଭାଜପା ନେତା ରୋହିତ ଗଙ୍ଗଦେବ, ପୂର୍ବତନ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଓ ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଜୟନ୍ତୀ ସଭା ପୂର୍ବରୁ ଏକ ବିରାଟ ଶୋଭାଯାତ୍ରା ନଗର ପରିକ୍ରମା କରି ଜୟନ୍ତୀ ପର୍ବ ପାଳନ ସ୍ଥଳରେ ପହଞ୍ଚିଥିଲା। ସେହିପରି ଆରସିଏମଏସ ସାହି ସ୍ଥିତ ଆମ୍ବେଡ଼କର କ୍ଲବ ପକ୍ଷରୁ ମଧ୍ୟ ସମ୍ବିଧାନ ପ୍ରଣେତାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।



ଆମ୍ବେଡ଼କରଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ହନୁମାନ ଜୟନ୍ତୀରେ ବାଇକ୍ ଶୋଭାଯାତ୍ରା

ନାକଟିଦେଉଳ,୧୪।୪(ଡ଼ି.ଏନ.ଏ.)
ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଅବସରରେ ଗୁରୁବାର ନାକଟିଦେଉଳ ବ୍ଲକରେ ବଜରଙ୍ଗ ଦଳ ପକ୍ଷରୁ ବାଇକ୍ ଶୋଭାଯାତ୍ରା କରାଯାଇଛି। ଦଳର କର୍ମୀମାନେ ବଳମ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ସାରିବା ପରେ ଶୋଭାଯାତ୍ରାରେ ବାଟଗାଁ କୁଞ୍ଜାମୁରା ଶିବ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ବାହାରି ମହୁକୁଦ, ଉପରମୁଣ୍ଡା, କତରାପାଲି, ସରାପାଲି, ଗୋଧିଡ଼ିପ, ନାକଟିଦେଉଳ, ଜଗନ୍ନାଥପ୍ରସାଦ, ମୁଷାକାନୀ, ସାହେବୀ, କେଲୋବେର୍ଣ୍ଣୀ, ବାଟଗାଁ, କୁଞ୍ଜାମୁରା ଆଦି ଗ୍ରାମ ପରିକ୍ରମା କରିଥିଲେ। ଏକ ସୁସଜ୍ଜିତ ଗାଡ଼ିରେ ହନୁମାନଙ୍କ ଫଟୋଚିତ୍ର ରଖି କର୍ମୀମାନେ ଏହି ଶୋଭାଯାତ୍ରାରେ ବାହାରିଥିଲେ। ବଜରଙ୍ଗ ଦଳର ବ୍ଲକ ପ୍ରମୁଖ ବିଭୂତି ଭୂଷଣ ପ୍ରଧାନ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବ୍ଲକ କାର୍ଯ୍ୟବାହ ଅରୁଣ କୁମାର ସାହୁ, ସଭ୍ୟ ସଞ୍ଜୟ ପ୍ରଧାନ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ରତ୍ନମୁଦ ପ୍ରତିଷ୍ଠା, ନାମଯଜ୍ଞ ସମ୍ପନ୍ନ

ପାଇକମାଳ,୧୪।୪(ଡି.ଏନ.ଏ):
ପାଇକମାଳ ସଡକପଡା ବାସିନ୍ଦାଙ୍କ ପକ୍ଷରୁ ରତ୍ନମୁଦ ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି। ନାମଯଜ୍ଞରେ ଗୁପେନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀ ବିଳାସିନୀ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୁରୋହିତ ଡିଗ୍ରୀଧର ଦେବତା, ମିତ୍ରଭାନୁ ଦେବତା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ନାମଯଜ୍ଞରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପାଇକମାଳ ସଡକପଡା ନାମଯଜ୍ଞ ପରିଚାଳନା କମିଟି ସଭାପତି ଶୁକଦେବ ପ୍ରଧାନ, ଉପ ସଭାପତି ଜୟଦେବ ମଟାରୀ, ସମ୍ପାଦକ ନୀଳମଣି ସାହୁ, ସହ ସମ୍ପାଦକ ନାରାୟଣ ନାୟକ, କୋଷାଧ୍ୟକ୍ଷ ବିଜୟ ପାଣିଗ୍ରାହୀ ସହଯୋଗ କରିଥିଲେ।

### ସିକିର୍ଡ଼ିରେ ନାମଯଜ୍ଞ

ବରପାଲି,୧୪।୪(ଡି.ଏନ.ଏ):
ବରଗଡ଼ ଜିଲା ବରପାଲି ବ୍ଲକ ସିକିର୍ଡ଼ି ଗ୍ରାମ ତଳିପଡ଼ାରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରାମର କିଶୋର ଭୋଇ, ସ୍ତ୍ରୀ କୁନ୍ତୀ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ପଣ୍ଡିତ ଅଶ୍ୱିନୀ ପୂଝାରୀ, ଗତି ତ୍ରିପାଠୀ, ଚୂଡ଼ାମଣି ତ୍ରିପାଠୀ, ଅରୁ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ। ନାମଯଜ୍ଞରେ ଭଟିଗାଁ, ତେଲିପାଲି, କେରମେଲି, କଳଙ୍ଗାପାଲି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ।




ସମ୍ବଲପୁର ଏସ୍ଆର୍ଆଇଟି ୱେଲଫେୟାର କମିଟି ଆୟୋଜିତ ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ମହିଳାମାନେ ସାମିଲ ହୋଇଛନ୍ତି । ସମ୍ବଲପୁର ବିଧାୟକ ଆଖଡା ଖେଳୁଛନ୍ତି ।

# ଭବ୍ୟ ଶୋଭାଯାତ୍ରା, ଭାବପୂର୍ଣ୍ଣ ସ୍ୱାଗତ

**ହନୁମାନ ଜୟନ୍ତୀ**

■ଆଖଡ଼ା ଖେଳିଲେ ଜୟନାରାୟଣ

ସମ୍ବଲପୁର,୧୪।୪ (ବ୍ୟୁରୋ)
ଆଧ୍ୟାତ୍ମିକ ତଥା ଭକ୍ତିମୟ ପରିବେଶ ମଧ୍ୟରେ ଗୁରୁବାର ସମ୍ବଲପୁର ସହରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ବିଭିନ୍ନ ଛକ, ବଜାରରେ ହନୁମାନଙ୍କ ଭବ୍ୟ ଶୋଭାଯାତ୍ରା ଦେଖିବାକୁ ମିଳିଥିଲା। ଭକ୍ତମାନେ ଭାବପୂର୍ଣ୍ଣ ସ୍ୱାଗତ କରି ହନୁମାନଙ୍କ ଦର୍ଶନର ସୌଭାଗ୍ୟ ଲାଭ କରିଥିଲେ। ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଜୟନ୍ତୀ ପାଳନ ହୋଇଥିଲା। ବୁଢ଼ୀହିଲ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଭକ୍ତମାନେ ପାରମ୍ପରିକ ଗଦା ଓ ବାଡି ଖେଳ ପ୍ରଦର୍ଶନ କରିଥିଲେ। ଜିଲା ସ୍କୁଲ ଛକରେ ମହିଳାମାନେ ହନୁମାନଙ୍କ ମେଢରେ ଆଳତି କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ରେଙ୍ଗାଲି ବିଧାୟକ ନାଉରୀ ନାଏକ ମଧ୍ୟ ଆଳତି କରିଥିଲେ। ବିଧାୟକ ମିଶ୍ର ଆଖଡା ଖେଳ ପ୍ରଦର୍ଶନ କରି ଗଦା ବୁଲାଇଥିଲେ, ଯାହା ବେଶ୍ ରୋମାଞ୍ଚକର ଥିଲା। ହନୁମାନ ଜୟନ୍ତୀ ସମନ୍ୱୟ ସମିତି ଆବାହକ ପ୍ରଦୀପ କୁମାର ବହିଦାର, ସଭାପତି ଗିରିଶ ପଟେଲ, ସାଧାରଣ ସମ୍ପାଦକ ସୁଧିର ରଞ୍ଜନ ବହିଦାର, ମୁଖ୍ୟ ଉପଦେଷ୍ଟା ସତ୍ୟନାରାୟଣ ପଣ୍ଡା, କାର୍ଯ୍ୟକାରି ସଭାପତି ଶିବକୁମାର ଅଗ୍ରୱାଲଙ୍କ ପରିଚାଳନାରେ ମୁଖ୍ୟ ଶୋଭାଯାତ୍ରା ହୋଇଥିଲା। ଦଲେଇପଡ଼ା, ନନ୍ଦପଡ଼ା, ଗୋଲବଜାର, ମାୟା ବଗିଚା, କୁମ୍ଭାରପଡ଼ା, ସାଲିଆବଗିଚା, ରେମେଡ଼, ତିୱାରିଗଳି, ତାଳଭଟାପଡ଼ା, ପରଦେଶୀପଡ଼ା, ମଖନାପଡ଼ା, କ୍ଷେତରାଜପୁର, ବନ୍ଧପଡ଼ା, ମୁଦିପଡ଼ାର ମାଣିକ ମୁଣ୍ଡା, ଭୁତାପଡ଼ା, ଉପରପଡ଼ା ଓ ସୁନାପାଲି, ସାକ୍ଷୀପଡ଼ା ଓ ପଣ୍ଡିତ ଲକ୍ଷ୍ମୀନାରାୟଣ ଗଳି, ଗେଙ୍ଗଟିପାଲି, ମୋତିଝରଣ, ଧନକଉଡ଼ା, ଭତରା ଅଞ୍ଚଳ ଯାତ୍ରା ଓ ମେଢ଼ ମୁଖ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ଶୋଭାଯାତ୍ରା ବୀର ସୁରେନ୍ଦ୍ର ସାଏ ମାର୍ଗ, ଲକ୍ଷ୍ମୀଟକିଜ ଛକ, ଗୋଲବଜାର ଛକ, ଗେଟି ରୋଡ, କୁଞ୍ଜେଲପଡା, ନନ୍ଦପଡ଼ା, ଝାଡୁଆପଡ଼ା, ମ୍ୟୁନିସିପାଲିଟି ଛକ ପରିକ୍ରମା କରି ଶକ୍ତିଛକରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଛତିଶଗଡର ଝାଞ୍ଜ ବାଦ୍ୟ, ଛତିଶଗଡ ମହିଳା ଆଦିବାସୀ ନୃତ୍ୟ, ରାୟଗଡର ସମ୍ବ୍ରଦା ଓ ମୟୁରଝାଳ, ଅନୁଗୋଳର ବୀରବାଦ୍ୟ, ଦୁଲଦୁଲ ବାଜା ପ୍ରମୁଖ ସାମିଲ ଥିଲା। ଏସ୍ଆର୍ଆଇଟି କଲୋନୀ ୱେଲଫେୟାର କମିଟି ଓ ଅଇଁଠାପାଲି ନୂଆପଡା କମିଟି ଶୋଭାଯାତ୍ରାରେ ଶତାଧିକ ମହିଳା ସାମିଲ ଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ସୁନାପାଲି ଅଞ୍ଚଳରେ ଏସ୍‌ପି ବାତୁଲା ଗଙ୍ଗାଧର ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରିଥିଲେ।

## ହକିକୁ ଲୋକପ୍ରିୟ କରିବା ଉଦ୍ୟମ

ଝାରସୁଗୁଡ଼ା ଅଫିସ,୧୪।୪
ହକି ଖେଳକୁ ଝାରସୁଗୁଡ଼ା ଜିଲାରେ ଲୋକପ୍ରିୟ କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ବିଶେଷ କରି ସ୍କୁଲରେ ହକି ଖେଳ ପ୍ରତି ପିଲାଙ୍କ ଆଗ୍ରହ ସୃଷ୍ଟି କରିବାକୁ ଜିଲାପାଳ ସରୋଜ କୁମାର ସାମଲ ଗୁରୁତ୍ୱ ଦେଉଛନ୍ତି। ଏ ସମ୍ପର୍କରେ ଆଲୋଚନା ପାଇଁ ବୁଧବାର ଜିଲା ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା କ୍ରୀଡ଼ା ଅଧିକାରୀ ସୁଶୀଲ କୁମାର ମିଶ୍ର, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଡମ୍ବରୁଧର ପୂଜାରୀ, ଝାରସୁଗୁଡ଼ା ହକି ଆସୋସିଏଶନର ସଭ୍ୟ ଜୀବନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେସରକାରୀ ସ୍କୁଲର ୫୧ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଓ ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଚଳିତମାସ ଶେଷ ସପ୍ତାହରେ ସ୍କୁଲ-ସ୍କୁଲ ମଧ୍ୟରେ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି।

## ଶିବିରରେ ୯୦୦ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାନ ଚାଲିଛି ।

ଝାରସୁଗୁଡ଼ା ଅଫିସ,୧୪।୪
ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଝାରସୁଗୁଡ଼ା ଓ ଲାଞ୍ଜିଗଡ, ଛତିଶଗଡ଼ର ବାଲ୍‌କୋ କୋବ୍ରାଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ପାନୀର କର୍ମଚାରୀ ଓ ବ୍ୟବସାୟୀମାନେ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୯ଶହ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅଭିଯାନ ସମ୍ପର୍କରେ ଆଲୁମିନିୟମ୍ ବ୍ୟବସାୟର ସିଇଓ ରାହୁଲ ଶର୍ମା କହିଛନ୍ତି, ଗରିବ ଲୋକଙ୍କ କଲ୍ୟାଣ ପାଇଁ ସ୍ଥାନୀୟ ବ୍ଲଡ୍‌ବ୍ୟାଙ୍କକୁ ରକ୍ତଦାନ କାର୍ଯ୍ୟକ୍ରମରେ ସହାୟତା କରିଥିବାରୁ କମ୍ପାନୀ ବହୁତ ଖୁସି ଅନୁଭବ କରୁଛି। ଓଡ଼ିଶା ରେଡ୍‌କ୍ରସ୍ ବ୍ଲଡ୍‌ବ୍ୟାଙ୍କ ଝାରସୁଗୁଡ଼ା ଶାଖାର ଭାରପ୍ରାପ୍ତ ଡା. ସିଲଓନ୍ତୀ ଜୋଜୋ କମ୍ପାନୀର ଏଭଳି ପଦକ୍ଷେପକୁ ପ୍ରଶଂସା କରି ରକ୍ତଦାନ ମହତ ଦାନ ବୋଲି କହିଥିଲେ।

## ଅସହ୍ୟ ହେଉଛି ଗ୍ରୀଷ୍ମତାତି

ଝାରସୁଗୁଡ଼ା ଅଫିସ,୧୪।୪
ଗ୍ରୀଷ୍ମଋତୁରେ ବିଗତ ବର୍ଷର ରେକର୍ଡକୁ ଦେଖିଲେ ପଶ୍ଚିମ ଓଡ଼ିଶାର ଟିଟିଲାଗଡରେ ସର୍ବାଧିକ ତାପମାତ୍ରା ରହିଥାଏ। ଦୀର୍ଘବର୍ଷ ପରେ ଏହି ରେକର୍ଡକୁ ଝାରସୁଗୁଡା ଜିଲା ଭାଙ୍ଗିଛି। ବୁଧବାର ଏଠାରେ ତାପମାତ୍ରା ସର୍ବାଧିକ ୪୪ଡିଗ୍ରୀ ସେଲ୍‌ସିୟସ ରହିଥିଲା। କିଛିଦିନ ହେଲାଣି ଜିଲାରେ ତାପମାତ୍ରା ୪୨ଡିଗ୍ରୀ ଉପରେ ରହୁଛି। ଗ୍ରୀଷ୍ମତାତି ଜିଲାବାସୀଙ୍କୁ ଅତିଷ୍ଠ କରିଛି। ଅଂଶୁଘାତ ଆଶଙ୍କା କରି ଜରୁରୀ ନ ଥିଲେ ଲୋକେ ଘରୁ ବାହାରୁ ନ ଥିବା ଦେଖାଯାଉଛି। ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ତରଫରୁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସକାଳ ସାଢେ ୮ଟା ପରେ ତାତି ଧୀରେ ଧୀରେ ବଢିବାରେ ଲାଗୁଛି। ଏଥିରେ ଲୋକେ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ଯେଉଁମାନଙ୍କ ବାହାରେ କାମ ରହୁଛି ସେମାନେ ଯିବାପାଇଁ ବାଧ୍ୟ ହେଉଛନ୍ତି। ଏହି ସମୟରେ ମୁଣ୍ଡରେ ହେଲ୍‌ମେଟ୍, କ୍ୟାପ, ଓଦା ଗାମୁଛା, ଛତା, କଳାଚଷମା ଓ ପାଣି ବୋତଲ ଆଦି ସାଙ୍ଗରେ ଧରି ଯିବାକୁ ପଡୁଛି। ଲୋକେ ବାହାରେ ତୃଷା ମେଣ୍ଟାଇବା ପାଇଁ ଲସି, ଆଖୁରସ, ତରଭୁଜ, ଆଇସ୍‌କ୍ରିମ୍ ଆଦି ଖାଉଥିବା ଦେଖିବାକୁ ମିଳୁଛି । ଦିନ ସାଢେ ୧୦ଟା ହୋଇଗଲେ ରାସ୍ତାଘାଟ ଶୂନଶାନ୍ ହୋଇଯାଉଛି।



ଗ୍ରୀଷ୍ମ ପ୍ରବାହ ଯୋଗୁ ଝାରସୁଗୁଡା ସହରର ରାସ୍ତାଘାଟ ଶୂନଶାନ ।

କଳକାରଖାନାରେ ଠିକାଶ୍ରମିକ ଓ ନିର୍ମାଣ ଶ୍ରମିକମାନେ ଅସହ୍ୟ ଗରମରେ ଖୋଲାଆକାଶ ତଳେ କାମ କରୁଛନ୍ତି। ଏମାନଙ୍କ ପାଇଁ ଜିଲା ପ୍ରଶାସନ ତରଫରୁ କୌଣସି ନିର୍ଦ୍ଦେଶନାମା ଜାରି ହୋଇନାହିଁ। ଜିଲାରେ ଗଢିଉଠିଥିବା କଳକାରଖାନା ଓ ଖଣିଖାଦାନରୁ ନିର୍ଗତ ହେଉଥିବା ଧୂଳିଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରିବା ସହିତ ଅଧିକ ଉତ୍ତପ୍ତ କରୁଛି। କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ପାଉଁଶ ଏଣେତେଣେ ପକାଇ ଦିଆଯାଉଛି। ଏସବୁ ବେଆଇନ୍ କାର୍ଯ୍ୟ ପାଇଁ ଜିଲାରେ ଗ୍ରୀଷ୍ମପ୍ରବାହ ବୃଦ୍ଧିପାଇବାରେ ଲାଗିଛି। ଅସହ୍ୟ ଗରମରେ ଜିଲାବାସୀ ସନ୍ତୁଳିତ ହେଉଛନ୍ତି।

## ନବମ ଓଡ଼ିଶା ଆନ୍ତଃଜିଲା କ୍ୟାରମ ଟୁର୍ନାମେଣ୍ଟ

ସମ୍ବଲପୁର,୧୪।୪ (ବ୍ୟୁରୋ)
ନବମ ଓଡ଼ିଶା ଆନ୍ତଃ ଜିଲା କ୍ୟାରମ ଟୁର୍ନାମେଣ୍ଟ ଗୁରୁବାର ଦଲେଇପଡା କଲ୍ୟାଣ ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି । ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ୟାରମ ଆସୋସିଏଶନ ସଭାପତି ଯୁବରାଜ ବନ୍‌ଛୋର ପୌରୋହିତ୍ୟ କରିଥିଲେ। ବିଜେଡି ଯୁବନେତା ସିଦ୍ଧାର୍ଥ ସାହା, ବ୍ୟବସାୟୀ ଉମେଶ ବର୍ମା, ପଙ୍କଜ ମିଶ୍ର, ଅଲ୍ ଓଡ଼ିଶା ଷ୍ଟେଟ୍ କ୍ୟାରମ୍ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଏସ୍. ଅବଦୁଲ୍ଲା ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ କ୍ୟାରମ୍ ଆସୋସିଏଶନ ସମ୍ପାଦକ ଅନୀଲ ମିଶ୍ର ଧନ୍ୟବାଦ ଦେଇଥିଲେ।

## କଲେଜର ବାର୍ଷିକୋତ୍ସବ



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କୁଚିଣ୍ଡା,୧୪।୪ (ଡି.ଏନ.ଏ.)
କୁଚିଣ୍ଡା କଲେଜର ୫୭ତମ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଶୋକ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା, ବିଧାୟକ କିଶୋର ଚନ୍ଦ୍ର ନାଏକ, ସମ୍ବଲପୁର ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଅମିୟ ପାତ୍ର ଅତିଥି ପରିଚୟ ଓ ପ୍ରାଧ୍ୟାପିକା ସୁଚିତ୍ରା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିଗଣ ଅଧ୍ୟକ୍ଷଙ୍କ ପାଇଁ ନବନିର୍ମିତ ଅଫିସ କୋଠାର ଉଦ୍‌ଘାଟନ କରିଥିଲେ। ଶେଷରେ ପ୍ରାଧ୍ୟାପିକା ସୁଭଦ୍ରା ଦାସ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପେଣ୍ଡୁବାହାଲରେ ଜଳକଷ୍ଟ



ଅଚଳ ପାନୀୟଜଳ ପ୍ରକଳ୍ପ।

ନାକଟିଦେଉଳ,୧୪।୪(ଡ଼ି.ଏନ.ଏ.)
ନାକଟିଦେଉଳ ପଞ୍ଚାୟତ ପେଣ୍ଡୁବାହାଲ ଗ୍ରାମ ନୂଆସାହି ହରିଜନ ପଡ଼ାରେ ପ୍ରାୟ ଏକସପ୍ତାହ ହେଲା ପାନୀୟ ଜଳ ସମସ୍ୟା ଦେଖାଦେଇଛି। ସାହି ଲୋକଙ୍କ ଅଭିଯୋଗ ଅନୁସାରେ ସାହିରେ ସରକାରଙ୍କ ପକ୍ଷରୁ ପ୍ରାୟ ୨ବର୍ଷ ହେବ ଏକ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ପ୍ରାୟ ୮ମାସ ପୂର୍ବରୁ ପ୍ରକଳ୍ପରେ ଲାଗିଥିବା ପାଣିଟାଙ୍କିରେ ଛିଦ୍ର ସୃଷ୍ଟି ହୋଇଥିଲା। ଏ ନେଇ ସେମାନେ ସରପଞ୍ଚଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିଲେ। ଏପରିସ୍ଥଳେ ଚଳିତ ନିର୍ବାଚନ ପୂର୍ବରୁ ନୂତନ ପାଣିଟାଙ୍କି ଲଗାଇବା ପାଇଁ ପଞ୍ଚାୟତ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ନିର୍ବାଚନ ପାଇଁ ତାହା ବନ୍ଦ ରହିଥିଲା। ଏବେ ଏହି କାମ ଆରମ୍ଭ ହୋଇଛି। ପ୍ରକଳ୍ପରେ ଲାଗିଥିବା ଛିଦ୍ର ପାଣିଟାଙ୍କି ତଳକୁ ଓହ୍ଲାଇ ଦିଆଯାଇଥିଲେ ମଧ୍ୟ ନୂତନ ପାଣିଟାଙ୍କି ଲଗାଯାଇ ନାହିଁ। ଫଳରେ ପିଇବା ପାଣି ପାଇ ନ ପାରି ସାହି ଲୋକେ ଉହଳବିକଳ ହେଉଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଶୁକ୍ରବାର ନୂଆ ପାଣିଟାଙ୍କି ବସାଇ ସାହିକୁ ଜଳଯୋଗାଣ ସ୍ୱାଭାବିକ କରାଯିବ।

## କଟଙ୍ଗରେ ଆମ୍ବେଡକର ଜୟନ୍ତୀ

କୁତ୍ରା, ୧୪।୪ (ଡି.ଏନ.ଏ)
ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କଟଙ୍ଗସ୍ଥିତ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବାବାସାହେବ ଡ.ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଚମ୍ପତି ବାଝ୍ରା ଉପସ୍ଥିତ ଥିଲେ। ସର୍ବପ୍ରଥମେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଆମ୍ବେଡ଼କରଙ୍କ ଅବଦାନ ଓ ତ୍ୟାଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ମଞ୍ଚ ପରିଚାଳନା କରିଥିଲେ। କଟଙ୍ଗ ଆଶ୍ରମ ସ୍କୁଲ ଓ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁମାରୀ ଜୟପୁରିଆ, ଭିକାରୀ ଦାସ,ପ୍ୟାରେଲାଲ ସାହୁ, ବିଜୟ କେରକେଟା,ଏସପେୟାର ତରଫରୁ ପୁନମ ବାର୍ଲା, ସବିତା ଜୟପୁରିଆ ଉପସ୍ଥିତ ଥିଲେ।

# ଆଧୁନିକ ଭାରତର ସୂତ୍ରଧର ଆମ୍ବେଡକର

ସମ୍ବଲପୁର/କୁଚିଣ୍ଡା,୧୪।୪
(ବ୍ୟୁରୋ/ଡି.ଏନ.ଏ. )
ସମ୍ବଲପୁର ଜିଲା ପ୍ରଶାସନ, ବିଭିନ୍ନ ରାଜନୈତିକ ଦଳ, ସାମାଜିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, କ୍ଲବ୍ ପକ୍ଷରୁ ଡ. ବାବାସାହେବ ଭୀମରାଓ ରାମଜି ଆମ୍ବେଡ଼କରଙ୍କ ୧୩୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଦିପଡା ଛକରେ ଥିବା ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଏସ୍ଏମ୍‌ସି କମିଶନ ପ୍ରଦୀପ କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକିରମୋହନ ମାଝିଙ୍କ ସମେତ ଭୀମ ଆର୍ମୀ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ଉତ୍ତରାଞ୍ଚଳ ଡିଭିଜନର ଉପ ନିର୍ଦ୍ଦେଶକ ବିଜୟ କୁମାର ବିଶ୍ର ମୁଖ୍ୟଅତିଥି, ଆକାଶବାଣୀ ସମ୍ବଲପୁର କାର୍ଯ୍ୟକ୍ରମ ମୁଖ୍ୟ ମନୋଜ କୁମାର ପୂଜାରୀ ମୁଖ୍ୟବକ୍ତା ଓ ଜୟଭୀମ ଆର୍ମୀ ସଭାପତି ଲଙ୍କେଶ ରାବଣ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଆଧୁନିକ ଭାରତର ସୂତ୍ରଧର ଆମ୍ବେଡ଼କରଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ବହୁଜନ ସମାଜପାର୍ଟି ପକ୍ଷରୁ ବାଇକ୍ ରାଲି କରାଯାଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଆମ୍ବେଡ଼କରଙ୍କ ଫଟୋଚିତ୍ର ଧରି ପଦଯାତ୍ରା କରିଥିଲେ। ଭାଜପା, ବିଜେଡି, କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି କର୍ମକର୍ତ୍ତା ମୁଦିପଡାସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗୁଣଗାନ କରିଥିଲେ।

କୁଚିଣ୍ଡା ଆଦିବାସୀ ଭବନଠାରେ ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁବାର ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ନିର୍ଦ୍ଦେଶକ ତଥା ଗବେଷକ ଡ. ଦିଲୀପ କୁମାର ପାଣି ମୁଖ୍ୟଅତିଥି ଓ ବରିଷ୍ଠ ଆଇନଜୀବୀ ତଥା ନାଟ୍ୟକାର ହୃଦାନନ୍ଦ ଶର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମ୍ବେଡ଼କରଙ୍କ ଜୀବନାଦର୍ଶ ଓ ଓଡ଼ିଆ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଅନୁଷ୍ଠାନର କୋଷାଧ୍ୟକ୍ଷ ରଶ୍ମିକାନ୍ତ ସାମଲ, ଉପସଭାପତି ରମେଶ ପ୍ରଧାନ ଓ ଅଧ୍ୟାପିକା ନିତୁ ପଟେଲ ଯୋଗଦେଇଥିଲେ। ଏହି ଅବସରରେ ୬ ଜଣ ପ୍ରତିଭାଙ୍କୁ ବିଷୁବ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଯମୁନା ଲିପି ପାତ୍ର ଧନ୍ୟବାଦ ଦେଇଥିଲେ।

### ଝାରସୁଗୁଡ଼ାରେ ଆମ୍ବେଡକର ଜୟନ୍ତୀ

ଝାରସୁଗୁଡ଼ା ଅଫିସ,୧୪।୪
ଝାରସୁଗୁଡ଼ା ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସମ୍ବିଧାନ ପ୍ରଣେତା ଡ. ବିଆର୍ ଆମ୍ବେଡ଼କରଙ୍କ ୧୩୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଖଣିଜପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏଲ୍ଏନ୍ କଲେଜ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା, ମେହେବୁବ୍ ମହତାବ, ସାହିତ୍ୟ ଏକାଡେମୀ ସଦସ୍ୟା ଡ. ଶିନପ୍ରିୟା ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ସାହିତ୍ୟିକ ପ୍ରେମସାଗର ଦେହେରିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ବିଜେଡି ତରଫରୁ ଏସ୍‌ସି ସେଲ୍ ସଭାପତି ଜୟ ପ୍ରକାଶ କୁଅଁରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୁନାରୀମୁଣ୍ଡାସ୍ଥିତ ଡ. ଆମ୍ବେଡ଼କରଙ୍କ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତି, ଗାନ୍ଧୀଛକ ନିକଟ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ବିହାରୀରାମ ତନ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ବିଜେଡି ଜିଲା ଉପସଭାପତି ରବି ସିଂହ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାପସରାୟ ଚୌଧୁରୀ, ଟାଉନ ସଭାପତି ସନ୍ଦୀପ ଅବସ୍ଥୀ, ତୁଳସୀ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଭାଜପା ତରଫରୁ ସଭାପତି ମଙ୍ଗଳ ସାହୁଙ୍କ ନେତୃତ୍ୱରେ ସୁନାରୀମୁଣ୍ଡାସ୍ଥିତ ଡ. ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ଜିଲା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ଲଳିତ ମଗର, ନଓଲ ଅଗ୍ରୱାଲ, ବିମଳେନ୍ଦୁ ଭୋଳ, ଏନ୍ ସତିଶ୍ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଲକ୍ଷୋଘର ଗଣ୍ଡାସମାଜ ତରଫରୁ ସ୍ଥାନୀୟ କକ୍ସ କଲୋନୀସ୍ଥିତ ଉତ୍କଳ ଜ୍ୟୋତି ପରିସରରେ ସମାଜର ସଭାପତି ପ୍ରେମସାଗରଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ପାଳିତ ହୋଇଥିଲା। ପ୍ରଗତିଶୀଳ ଶ୍ରମିକ ମଞ୍ଚ ତରଫରୁ ଶିଳ୍ପାଞ୍ଚଳଠାରେ ସଙ୍ଗଠନର ମୁଖ୍ୟ ରକ୍ଷାକର ଅନୁପମଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା।




ଆମ୍ବେଡକର ଜୟନ୍ତୀ ଅବସରରେ ସମ୍ବଲପୁରଠାରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ପ୍ରଶାସନିକ ଅଧିକାରୀ । ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ଝାରସୁଗୁଡ଼ା ଜିଲା ବିଜେଡି କର୍ମକର୍ତ୍ତା ।

## ଗଞ୍ଜେଇ ଚାଲାଣ, ଦମ୍ପତି ଗିରଫ

**ଅମରପାଲି,(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ରେଢ଼ାଖୋଲ ରାସ୍ତାର ତୁଲେଶ୍ୱର ପାଖରୁ ଚୋରାଚାଲାଣ ବେଳେ ଗଞ୍ଜେଇ ଜବତ କରିଛି ପୋଲିସ। ଚାଲାଣ କରୁଥିବା ଦମ୍ପତିଙ୍କୁ ଗିରଫ କରିବା ସହିତ ଏକ ବାଇକ ଜବତ କରିଛି ସୁବଳୟା ପୋଲିସ। ଗିରଫ ଦମ୍ପତି ହେଲେ ଛତିଶଗଡ଼ର ରାହୁଲ ରାଜ ଦହେଲିଆ ଓ ବବିତା ସାହି। ବାଇକ ନମ୍ବର ଓଡ଼ି-୩୧ଜି ୫୪୯୬ରେ ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ନେଇ ଛତିଶଗଡ଼କୁ ଚୋରାଚାଲାଣ କରୁଥିଲେ ଏହି ଦମ୍ପତି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁବଳୟା ଏସଆଇ ଦିପ୍ତୀ ରଞ୍ଜନ ଦିଗାଲ,ଏଏସଆଇ ଏନ.ସା ଚଢ଼ାଉ କରିଥିଲେ। ୧୫ଟି ପ୍ୟାକେଟରେ ୧୪କେଜି ୮୦୦ ଗଞ୍ଜେଇ ଜବତ ହୋଇଛି। ସୁବଳୟା ଥାନାରେ ଏକ ମାମଲା(୪୧/୨୨)ରୁଜୁ ହୋଇଛି।

## ସଂକ୍ଷେପରେ

### ବିଭିନ୍ନ ସମସ୍ୟା ସମାଧାନ ପାଇଁ ପରିବର୍ତ୍ତନ ଯାତ୍ରା

**ଅମରପାଲି,୧୪।୪(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଡିକୁ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ଗୁରୁବାର ସକାଳେ ଆରମ୍ଭ ହୋଇ ଥିଲା ପରିବର୍ତ୍ତନ ଯାତ୍ରା। ଏହି ଯାତ୍ରା ଗ୍ରାମ ପରିକ୍ରମା ସମୟରେ ଲୋକେ ନିଜ ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି, ପିଇବା ପାଣିର ଅଭାବ, ଟାଟା ପାୱାରର ଅତ୍ୟାଚାର, କିଡନୀ ରୋଗୀଙ୍କ ସମସ୍ୟା, ଦାଦନ ସମସ୍ୟା, ଜଳସେଚନର ଅଭାବ, ସ୍କୁଲରେ ଶିକ୍ଷକ ଅଭାବ ଇତ୍ୟାଦି ପ୍ରସଙ୍ଗରେ ଅଭିଯୋଗ କରିଥିଲେ। ତୁରନ୍ତ ଉକ୍ତ ପ୍ରସଙ୍ଗ ଉପରେ ଜିଲା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରାଯିବ ବୋଲି ପରିବର୍ତ୍ତନ ଯାତ୍ରାର ପୁରୋଧା ବଳଦେବ ବେଦବାକ କହିଛନ୍ତି। ଏହି ଯାତ୍ରାରେ ଯୁବନେତା ସନତ କୁମାର ହୋତା, ସୁରେଶ ପାତ୍ର, ମନରଞ୍ଜନ ପଧାନ, ରବି ପୋଢ଼, କେଶବ ସାହୁ, ବିଭୁଦତ୍ତ ମହାପାତ୍ର, ବାପି ଦାସ, ଛବି ମେହେ ପ୍ରମୁଖ ସାମିଲ ଥିଲେ।

### ଗୌରଗୋଠରେ ଶିକ୍ଷା ସଚେତନତା ରଥ

**ଦେଓଗାଁ,୧୪।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତ ମୁଖ୍ୟାଳୟରେ ଗୁରୁବାର ପହଞ୍ଚିଥିଲା ଶିକ୍ଷା ସଚେତନତା ରଥ। ତପନ ନାଗଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ଅଜିତ କୁମାର ମିଶ୍ର ଯୋଗଦେଇ ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରିଥିଲେ। ଅଭିଭାବକ ଓ ଛାତ୍ରୀଛାତ୍ରମାନେ ରଥକୁ ସ୍ୱାଗତ କରିବା ସହ ଗାଁ ପରିକ୍ରମା କରିଥିଲେ। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା ସଭାରେ ଶିକ୍ଷକ ଅଶୋକ କୁମାର ସେଠ୍, ମହେନ୍ଦ୍ର ଧରୁଆ, ରିଙ୍କୁ ପଧାନ, ରାୟଦତ୍ତ ବିଶ୍ୱାଳ, ରାଜକିଶୋର ସାମଲ, ଉମାକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ କେତେକ ପିଲା ସ୍କୁଲ ଆସୁ ନ ଥିବା ପରିଲକ୍ଷିତ ହେଉଛି। ଏଣୁ ଅଭିଭାବକମାନେ ସଚେତନ ହୋଇ ନିଜ ନିଜ ପିଲାଙ୍କୁ ସ୍କୁଲକୁ ପଢ଼ିବା ପାଇଁ ପଠାଇବାକୁ ଅତିଥିମାନେ ଅନୁରୋଧ କରିଥିଲେ।

### ଅସହାୟ ପରିବାରକୁ ସହାୟତା



**ବରଗଡ଼ ଅଫିସ୍,୧୪।୪:** ସ୍ୱାମୀ ଜେଲରେ ଅଛନ୍ତି । ଫଳରେ ସ୍ତ୍ରୀ ଉପରେ ଦୁଇ ଶିଶୁପୁତ୍ର ଏବଂ ବୃଦ୍ଧାଶାଶୁଙ୍କ ବୋଝ ପଡ଼ିଛି । ଏଭଳି ସ୍ଥିତିରେ ବରଗଡ଼ ସହର ଉପକଣ୍ଠ ନାଗେନପାଲି ନିକଟରେ ସବିତା ଗଣ୍ଡ ଅସହାୟ ଜୀବନ ଅତିବାହିତ କରୁଛନ୍ତି। ଏହି ପରିବାର ଦୁଃଖ ନେଇ ଅବଗତ ହେବା ପରେ ଗୁରୁବାର ବରଗଡ଼ର ଜନ କଲ୍ୟାଣ ସେବା ଟ୍ରଷ୍ଟ ଉକ୍ତ ପରିବାରକୁ ସହଯୋଗର ହାତ ବଢ଼ାଇଛି। ଅନୁଷ୍ଠାନର ସଭାପତି ମୁକୁନ୍ଦ ଦାଶ ଏବଂ ସଦସ୍ୟ ଦୀପକ ଦୀପକ କୁମାର ମହାନ୍ତି ଏହି ପରିବାର ପାଖକୁ ପହଞ୍ଚି ଏକ ମାସର ରାଶନ ସାମଗ୍ରୀ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଏହି ପରିବାରକୁ ୬ମାସ ପର୍ଯ୍ୟନ୍ତ ରାଶନ ସାମଗ୍ରୀ ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ସଭାପତି ଦାଶ ସୂଚନା ଦେଇଛନ୍ତି ।

### ଯୁବଚାଷୀ ସୁଜିତ ବିଶ୍ୱାଳ ସମ୍ବର୍ଦ୍ଧିତ

**ପଦ୍ମପୁର,୧୪।୪(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜାମଖାରୀ ଗ୍ରାମରେ ଥାଇଲାଣ୍ଡ ପିଜୁଳି, ଷ୍ଟ୍ରବେରି, ବିଭିନ୍ନ ପ୍ରଜାତିର ଆମ୍ବ, ପାମ୍ ଅଏଲ ଆଦି ଚାଷ କରିରେ ଅଗ୍ରଣୀ ଭୂମିକା ନେଇଛନ୍ତି ଯୁବଚାଷୀ ସୁଜିତ ବିଶ୍ୱାଳ। ଗ୍ରାମାଞ୍ଚଳରେ ରହି ବନ୍ୟା ପ୍ରବଣ କ୍ଷେତରେ ଉଦ୍ୟାନ ଚାଷ କରି ନିଜେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିଛନ୍ତି ସୁଜିତ। ବର୍ତ୍ତମାନ ଶିକ୍ଷିତ ବେକାରୀ ଯୁବକମାନଙ୍କ ପାଇଁ ସେ ଉଦାହରଣ ହୋଇଛନ୍ତି। ଏହା ଜଣାପଡିବା ପରେ ଛତିଶଗଡ, ଭୁବନେଶ୍ୱର, କଟକ, ବଲାଙ୍ଗୀର ସମେତ ଅନ୍ୟ ଜିଲାରୁ ଚାଷୀମାନେ ଆସି କ୍ଷେତ୍ର ପରିଦର୍ଶନ ସହ ପ୍ରଶିକ୍ଷଣ ନେଉଛନ୍ତି। ବାପା କମ୍ବୁପାଣି ବିଶ୍ୱାଳଙ୍କ ପ୍ରେରଣା ଓ ଭାଇ ଅଜିତ ବିଶ୍ୱାଳଙ୍କ ସହଯୋଗରେ ସୁଜିତ କୃଷିକ୍ଷେତ୍ରରେ ଅନେକ ସ୍ୱପ୍ନ ଦେଖିଛନ୍ତି। ତାଙ୍କର ଏହି ପ୍ରତିଭା ପାଇଁ ଭୁବନେଶ୍ୱର ସ୍ଥିତ ଉତ୍କଳ ବିକାଶ ପରିଷଦର ୨୪ତମ ବାର୍ଷିକ ଅଧିବେଶନରେ ସୁଜିତ ବିଶ୍ୱାଳଙ୍କୁ ଉତ୍ତମ ଯୁବଚାଷୀ ଭାବେ ସମ୍ମାନିତ କରାଯାଇଛି। ବିକାଶ ପରିଷଦର ଅଧ୍ୟକ୍ଷ ସୁଦର୍ଶନ ପଟ୍ଟନାୟକ, ମହାସଚିବ ରୁଷି ଗୁମାନସିଂହ ପ୍ରମୁଖ ମାନପତ୍ର, ଉପଢୌକନ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



ସୁବର୍ଣ୍ଣପୁର ଜିଲାପାଳ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।





ବରଗଡ଼ କଚେରୀ ସମ୍ମୁଖରେ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

# ସାମାଜିକ ବିପ୍ଳବର ମହାନାୟକ ଥିଲେ

**ସୋନପୁର,୧୪।୪(ନି.ପ୍ର.)**

ଭାରତୀୟ ସମ୍ବିଧାନର ପ୍ରଣେତା, ଶିକ୍ଷାବିତ୍ ଓ ଆଇନଜ୍ଞ ତଥା ଭାରତ ରତ୍ନ ଡକ୍ଟର ଭୀମ୍‌ରାଓ ଆମ୍ବେଡ୍‌କରଙ୍କ ୧୩୧ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଡିଆର୍‌ଡିଏ ସଭାଗୃହରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନୀଲ ନରୱଣେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାବାସାହେବ ଦେଶର ସାମାଜିକ ବିପ୍ଳବର ମହାନାୟକ ଥିଲେ। ତାଙ୍କ କାର୍ଯ୍ୟାବଳୀ ଥିଲା ଶୋଷଣହୀନ ସମାଜ ପ୍ରତିଷ୍ଠା ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍, ପିଡି ଡିଆର୍‌ଡିଏ ଡୋଳାମଣି ପଟେଲ ଓ ସୋନପୁର ଉପଜିଲାପାଳ ନୀହାର ରଞ୍ଜନ କହଁର ଯୋଗଦେଇ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଡ. ଜ୍ୟୋତିରଞ୍ଜନ ବହିଦାର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ବାବାସାହେବଙ୍କ ଜୀବନୀ ଓ ସାହିତ୍ୟ ଅଧ୍ୟୟନ କରି ସମାଜରେ ରହିଥିବା ଛୁଆଁଅଛୁଆଁ ଭେଦଭାବ ଦୂର କରି ଏକ ପ୍ରଗତିଶୀଳ ସମାଜ ଗଠନ କରିବାକୁ ପ୍ରେରଣା ଦେଇଥିଲେ। ଜିଲା ଆମ୍ବେଡକର ସଂଗଠନ ସଭାପତି ରବୀନ୍ଦ୍ର କୁମ୍ଭାର ଆମ୍ବେଡକରଙ୍କ ଜୀବନୀ ସମ୍ବଳିତ ସଙ୍ଗୀତ ଗାନ କରିଥିଲେ। ଡିଆଇପିଆର୍‌ଓ ଅଶ୍ୱିନୀ କୁମାର ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାପତି ପଣ୍ଡା ସଭା ପରିଚାଳନା କରିଥିଲେ। ଜୟନ୍ତୀ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ମୁଖ୍ୟ ଅତିଥି ଜିଲାପାଳ ନରୱଣେ ପୁରସ୍କୃତ କରିଥିଲେ। ସଭାରେ ବିଭିନ୍ନ ବିଭାଗର ପଦାଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ସକାଳେ ଏସ୍‌ପି ଅମରେଶ ପଣ୍ଡାଙ୍କ ସମେତ ବରିଷ୍ଠ ଅଧିକାରୀ, ଲୋକପ୍ରତିନିଧି ଓ ଆମ୍ବେଡକର ସଂଗଠନର କର୍ମକର୍ତ୍ତା ସହରର ଆମ୍ବେଡ୍‌କର ଛକରେ ଥିବା ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ସମାଜ ସୁଧାରରେ ଆମ୍ବେଡ୍‌କରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବରଗଡ଼ ଅଫିସ୍:** ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଆମ୍ବେଡ୍‌କର ଜୟନ୍ତୀ ପାଳିତ ହୋଇଛି। ଜିଲାସ୍ତରୀୟ ଆମ୍ବେଡ୍‌କର ଜୟନ୍ତୀ ଅବସରରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ କୋର୍ଟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସକାଳ ୮ଟାରେ ରେନ୍‌ବୋ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ସଭାରେ ସ୍କୁଲର ଅଧ୍ୟକ୍ଷ ହିମାଂଶୁ ମେହେର, ଶୋଭାରାମ ତାଣ୍ଡି, ରମେଶ ମହାନନ୍ଦ, ଗୋପାଳ ଦାଶ, ବିଭୁଦତ୍ତ ବାରିକ, ଲକ୍ଷ୍ମୀବନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆମ୍ବେଡ୍‌କରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବକ୍ତା ଶୋଭାରାମ ତାଣ୍ଡି ସମାଜ ସୁଧାର ଦିଗରେ ଆମ୍ବେଡ଼୍‌କରଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ବିଧାନର ପ୍ରଣୟନ ସହିତ ଡଃ ଆମ୍ବେଡ଼୍‌କର କିଭଳି ପ୍ରତ୍ୟେକ ମଣିଷ ସୁଖ, ସ୍ୱାଚ୍ଛନ୍ଦ୍ୟରେ ଉଚିତ ନ୍ୟାୟିକ ଅଧିକାର ପାଇ ବଞ୍ଚିପାରିବେ ତାହା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଏବଂ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ଶ୍ରେୟାଂଶୀ ମହାପାତ୍ର, ଅନ୍ୱେଷା ପଣ୍ଡା, ଅନ୍ୱିତା ଷଡ଼ଙ୍ଗୀ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଙ୍ଗୀତରେ ଅର୍ପିତା ଦାଶ, ଦେବଯାନୀ ଗିରି, ଲିପିକା ଦାଶ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବକ୍ତୃତାରେ ଲକ୍ଷ୍ମୀବନ୍ତ ସାହୁ, ଭକ୍ତଚରଣ ଦାଶ, ଭୁବନ ଭୋଇ ଏବଂ ଦେଶାତ୍ମବୋଧକ ସଙ୍ଗୀତରେ ବିଭୁଦତ୍ତ ବାରିକ, ଗୋପାଳ ଦାଶ, ରମେଶ ମହାନନ୍ଦ ବିଚାରକ ଭାବେ ଯୋଗଦାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଭୀମ ମାନବବାଦ ପରିବାର ମହାସଂଘ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ସୁରେନ୍ଦ୍ର କୁମାର ତାଣ୍ଡି ଅଧ୍ୟକ୍ଷତା କରିଥିଲେ। ଡା. ବିଦ୍ୟାଧର ନାଗ ମୁଖ୍ୟ ଅତିଥି, ପୌର ନିର୍ବାହୀ ଅଧିକାରୀ ନାରାୟଣ ଡନସନା ମୁଖ୍ୟ ବକ୍ତା, ଆନ୍ଧ୍ରା ବ୍ୟାଙ୍କ ଶାଖା ପରିଚାଳକ ରଶ୍ମିରଞ୍ଜନ ସୁନା, ଜିଲା ଓକିଲ ସଂଘ ସମ୍ପାଦକ ହରିହର ପ୍ରଧାନ, ବରିଷ୍ଠ କିରାଣି ଗଜରାଜ ନାଏକ, ରାଧେଶ୍ୟାମ ଦୀପ, ନିତ୍ୟାନନ୍ଦ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ। ଆମ୍ବେଡ଼୍‌କର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବରଗଡ଼ ସୌଖୀନ ରଙ୍ଗମଞ୍ଚରେ ଆମ୍ବେଡ଼୍‌କର ଜୟନ୍ତୀ ପାଳିତ ହୋଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଗୁଣମଣି ସୁନାନୀ, ଆଡ଼ଭୋକେଟ ଶ୍ୟାମସୁନ୍ଦର ଅଗ୍ରୱାଲ, ପବିତ୍ର ଦେହେରୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଆଲବର୍ଟ ଲାକ୍ରା, ଉର୍କୁଲୁ ତାଣ୍ଡି, ପରମେଶ୍ୱର ଲୁହା, ରତନ ଅଗ୍ରୱାଲ, ରମେଶ ମହାପାତ୍ର, ମେରିୟମ ବାର୍ଲା, ଅଲିମ ରିଜଭି ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁଚରଣ ହରପାଲ ମଞ୍ଚ ପରିଚାଳନା କରିଥିଲେ।



ଲୋଇସିଂହା: ଉନ୍ମୋଚିତ ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ।

### ଜୟନ୍ତୀରେ ବାବା ସାହେବଙ୍କ ପ୍ରତିମୂର୍ତ୍ତି ଅନାବରଣ

**ଅମରପାଲି,(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଆମ୍ବେଦକର ସେବା ସଂଘ ପକ୍ଷରୁ ବାବା ସାହେବ ଆମ୍ବେଡକରଙ୍କ ଜନ୍ମଦିନ ପାଳନ ଅବସରରେ ଏକ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା। ରାଜ୍ୟ ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଅନାବରଣ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଜିତେନ୍ଦ୍ରିୟ ସୁନା, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ବିଡ଼ିଓ ମୋତିଲାଲ ସୁଲିଆ, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସଂଘ ସଭାପତି ଅନାଦି ଜଗଦଲା, ଲିଙ୍ଗରାଜ ଲୁହା, ମହେନ୍ଦ୍ର ଜଗଦଲା, ଶୈଳରଞ୍ଜନ ବାଦୀ, ରିତା ଗରଡିଆ, ମୀନକେତନ ମହାକୁର ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ସ୍ମୃତି ଚାରଣ କରିଥିଲେ । ସଭାକୁ ରାଜ କୁମାର ବାଦୀ ସଂଯୋଜନା, ଅଭିମନ୍ୟୁ ବଗର୍ତ୍ତୀ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

### ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଲୋଇସିଂହା,(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଜଡାମୁଣ୍ଡା ବସ୍ତିର ଡିଏଏସ୍‌ସିଏ ଓ ଏସ୍‌ଏସ୍‌ଏ ଅନୁକୂଲ୍ୟରେ ଆମ୍ବେଡକର ଜୟନ୍ତୀ ପାଳିତ ହୋଇଯାଇଛି । ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ମାନବିକତାକୁ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆମ୍ବେଡକର ଜାତୀୟ କର୍ଣ୍ଣଧାର ବୋଲି କହିଥିଲେ। ସଭାରେ ଯଶୋବନ୍ତ ବାଦୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଅଶୋକ ବାରିକ, ସମ୍ମାନୀତ ଅତିଥିଭାବେ ସୁନୀଲ ନନ୍ଦ, ପ୍ରଶାନ୍ତ ବାରିକ, ଡ.ସଞ୍ଜୀବ ବିଶ୍ୱାଳ,ନଜ୍ରୁଲ୍ଲା ଖାନ, ପ୍ରେମରଞ୍ଜନ ମନହୀରା, ପ୍ରେମା ବାରିକ, ଭୁଲାନାଥ ମିର୍ଦ୍ଧା ଯୋଗଦେଇଥିଲେ। ସଭା ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ନିର୍ମିତ ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ପାଠାଗାର ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା।



ବୀରମହାରାଜପୁରରେ ଅନାବରଣ ହୋଇଥିବା ପ୍ରତିମୂର୍ତ୍ତି।

### ବିଶ୍ୱବିଖ୍ୟାତ ବିଦ୍ୱାନ ଥିଲେ ଆମ୍ବେଡକର

**ଲାଠୋର,(ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଗ୍ରସେନ ଭବନରେ ସାବାସ ସାମାଜିକ ପରିବର୍ତ୍ତନ ଅନୁଷ୍ଠାନ ସଭାପତି କପିଳ ସୁନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଶିକ୍ଷକ ଗଜମଣି ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଆମ୍ବେଡକରଙ୍କୁ ବିଶ୍ୱ ବିଖ୍ୟାତ ବିଦ୍ୱାନ ବୋଲି ଅଭିହିତ କରିଥିଲେ। ମୁଖ୍ୟଅତିଥି ଭାବେ ମୁରିବାହାଲ କଲେଜ ଅଧ୍ୟକ୍ଷ ରମେଶ ମହାନନ୍ଦ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ସରପଞ୍ଚ ଜୟଶ୍ରୀ ଭଇଁଷାଲ, ଫରେଷ୍ଟ ରେଞ୍ଜ ଅଫିସର ପ୍ରଭାତୀ ସେଠ, ଉପେନ୍ଦ୍ର ଛତ୍ରିଆ, ରପିନ୍ଦ୍ର ରାଏ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ତନ୍ତ୍ର ଧରୁଆ, ଭୁବନେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ସମ୍ବିଧାନ ସଚେତନ ଶୋଭାଯାତ୍ରା

**ଟିଟିଲାଗଡ଼,(ଡି.ଏନ.ଏ):** ଟିଟିଲାଗଡ ରେଲବାଇ ଏସସିଏସଟି ଏମ୍ପ୍ଲୟିଜ ଆସୋସିଏସନ ପକ୍ଷରୁ ସମ୍ବିଧାନ ସଚେତନ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସ୍ଥାନୀୟ ରେଲବାଇ ଇନଷ୍ଟିଚ୍ୟୁଟ ପରିସରରେ ସଂଗଠନ ସଭାପତି ଷ୍ଟେସନ ମାଷ୍ଟର ପ୍ରଭାତ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ସଂଗଠନର ଭୁବନେଶ୍ୱର ଜୋନାଲ ସଭାପତି ରଞ୍ଜନ ବେହେରା, ଅବସରପ୍ରାପ୍ତ ରେଲବାଇ ବାଣିଜ୍ୟିକ ନିରୀକ୍ଷକ ହରିଶ ଦୀପ, ଏଆରଏମ ଟିଟିଲାଗଡ ଉଦ୍ଧବ ରାମ, ଏଡିଇଏନ ଉମେଶ ଚନ୍ଦ୍ର ବାଥାମ ଯୋଗଦେଇଥିଲେ। ସେହିପରି ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମେଜର ଡ. ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ବଂଶୀଧର ଦୀପ, ପ୍ରାଧ୍ୟାପକ ଡ. ରମାକାନ୍ତ ବେହେରା, ପ୍ରାଧ୍ୟାପକ ଡ. ଦୁର୍ଗେଶ୍ୱରୀ ମହାନନ୍ଦ, ଅଧ୍ୟାପକ ବେଦବର ରଣା ମଞ୍ଚାସୀନ ଥିଲେ। ଟିଟିଲାଗଡ ବ୍ଲକ ଆଦିବାସୀ କଲ୍ୟାଣ ସଂଘ ସଭାପତି ପଦ୍ମନ ପ୍ରାଧାନୀଙ୍କ ସଭାପତିତ୍ୱରେ ସ୍ଥାନୀୟ ସଂଘ କାର୍ଯ୍ୟାଳୟର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଖୋଲାନ ସିଏଚ୍‌ସିର କ୍ଷିରୋଦ୍ର ମାଝି, ଗୀତାଞ୍ଜଳି ଭୋଇ ଏବଂ ମୁଖ୍ୟବକ୍ତା ସଂଘର ଜିଲା ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା ଯୋଗଦେଇଥିଲେ।

### ନିଷ୍ପେସିତଙ୍କ ଅଧିକାର ପାଇଁ ଲଢ଼ିଥିଲେ’

**ମୁରିବାହାଲ,(ଡ.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗଁରେଇ ଆମ୍ବେଦକର ହାଇସ୍କୁଲ ପରିସରରେ ବିଦ୍ୟାଳୟ ପ୍ରତିଷ୍ଠାତା ତଥା ପରିଚାଳନା କମିଟି ସଭାପତି ମନୋହର ବାଗଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଭାଜପା ଜିଲା ସାଧାରଣ ସମ୍ପାଦକ ଶ୍ରୀବସ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଆଇନଜୀବୀ ଗୋପୀନାଥ ପାଣିଗ୍ରାହୀ, ଆଦିବାସୀ ନେତା ସୁରେଶ ଭୋଇ, ଗାଁରେଇ ସରପଞ୍ଚ ସବିତା ବିଭାର, ବିଦ୍ୟାଳୟ ପ୍ରଧାନଶିକ୍ଷକ କୁର୍ତ୍ତାବାସ ଦାଶ, ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ ସାହିତ୍ୟ ଦଳିତ ଏକାଡେମୀ ସାଧାରଣ ସମ୍ପାଦକ ଭବାନୀ ଶଙ୍କର ରାଓ ଯୋଗଦେଇ ଭାରତର ସମ୍ବିଧାନ ପ୍ରଣୟନ ସହ ସମାଜର ଦଳିତ, ନିଷ୍ପେସିତଙ୍କ ଅଧିକାର ପାଇଁ ଆମ୍ବେଡକର କରି ଯାଇଥିବା କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

### ବିକାଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ହାରଭେଷ୍ଟ ଉଦ୍‌ଯାପିତ

**ଭବାନୀପାଟଣା,୧୪।୪(ସ୍ୱ.ପ୍ର.):** ବିକାଶ ଗୃପ ଅଫ ଇନଷ୍ଟିଚ୍ୟୁସନସ ଭବାନୀପାଟଣା ଶାଖାର ବାର୍ଷିକ ଉତ୍ସବ ‘ହାରଭେଷ୍ଟ’ ୨୦୨୨ ଊ୍ୱିଜଡମ ପାର୍କ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ଶିକ୍ଷା ରାଜ୍ୟରେ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ ହେଉଛି ବିକାଶ। କୋଭିଡ ୧୯ ସମୟରେ ମଧ ନିଜ ପ୍ରୟାସ ଜାରି ରଖି ଅନେକ ସଫଳତା ଲାଭ କରିପାରିଛି। ଗୁରୁବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଡି.ଆର୍.ଡି.ଏର ପ୍ରକଳ୍ପ ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟ ଯୋଗ ଦେଇଥିଲେ । ଅନୁଷ୍ଠାନର ସଂସ୍ଥାପକ ଜି.ମୁରଲୀ କ୍ରିଷ୍ଣା, ପରିଚାଳନା ନିର୍ଦ୍ଦେଶକ ଜି.ଭାସ୍କର ରାଓ, ନିର୍ଦ୍ଦେଶକ ଡି.ବିବେକ, ଡିନ୍ ପୀତାମ୍ବର ଦାସ, ପରିଚାଳନା ମଣ୍ଡଳୀ ସଦସ୍ୟ ଭି.ବି.ସତ୍ୟନାରାୟଣ, ଏକାଡେମୀ ନିର୍ଦ୍ଦେଶକ ଡି.ବିଜୟ, ଡି.ପଦ୍ମିନୀଙ୍କ ସମେତ ପରିଚାଳନା ମଣ୍ଡଳୀ ଓ ଭବାନୀପାଟଣା ଶାଖାର ସମସ୍ତ ଅଧ୍ୟକ୍ଷ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିକାଶ ଗୃପ ଅଫ ଇନଷ୍ଟିଚ୍ୟୁସନସ ଭବାନୀପାଟଣା ନିର୍ଦ୍ଦେଶକ ଡି.ରାମ କୁମାର ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ଆବାସିକ ବିଦ୍ୟାଳୟ ନିର୍ବାହୀ ଅଧ୍ୟକ୍ଷା ତପସ୍ୱିନୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି.ଶ୍ୟାମ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଏହି ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ‘ଜୀବନ ସଂଘର୍ଷ ସଫଳତାର ଶିକ୍ଷା ଦିଏ’

**ବଲାଙ୍ଗୀର ଅଫିସ, ୧୪।୪**

ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଆମ୍ବେଡକରଙ୍କ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳେ କଚେରି ଛକରେ ଥିବା ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ଜିଲାପାଳ ଚଞ୍ଚଳ ରାଣା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, କାଉନସିଲର ଓ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ପିପି ଏକାଡେମୀ ହଲଠାରେ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ପୌରାଧ୍ୟକ୍ଷା ସାହୁ ମୁଖ୍ୟଅତିଥି, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ସମ୍ମାନିତ ଅତିଥି, ସରକାରୀ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ମନୋଜ କୁମାର ନାଗ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆମ୍ବେଡକରଙ୍କ ଜୀବନୀ ସଂଘର୍ଷରୁ ସଫଳତାର ଶିକ୍ଷା ଦିଏ ବୋଲି ଅତିଥିମାନେ କହିଥିଲେ। ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଓଡିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ହାଇସ୍କୁଲ ବକ୍ତୃତାରେ ଲିଟିଲ ଫ୍ଲାୱାର ସ୍କୁଲର ସାତ୍ତ୍ୱିକ ଶେଖର ମିଶ୍ର ପ୍ରଥମ, ପଥରଚେପା ଓଡିଶା ଆଦର୍ଶ ବିଦ୍ୟାଳୟର ଅଞ୍ଜନେୟ କର ଦ୍ୱିତୀୟ ଏବଂ ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟର ସ୍ନିଗ୍ଧାରାଣୀ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ସରକାରୀ ଆୟୁର୍ବେଦ କଲେଜ ଛାତ୍ରୀ ଅଞ୍ଜଳି ଭିଣ୍ଡେ ପ୍ରଥମ, ଡିଆଇଇଟି ଛାତ୍ର ସୋମପ୍ରକାଶ ପଟ୍ଟନାୟକ ଦ୍ୱିତୀୟ ଓ ଜେଏସ୍‌ଏମ୍ କଲେଜ ଅଫ୍ କମର୍ସ ଛାତ୍ର ରାଜା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଡିଆଇପିଆରଓ ପାଣିଗ୍ରାହୀ ପରିଚାଳନା କରିଥିଲେ। ବିଏସପିର ଦ୍ରୋଣ କୁମ୍ଭାର, ଆଡଭୋକେଟ୍ ଦିନେଶ ନାଗଙ୍କ ନେତୃତ୍ୱରେ ଏକ ରାଲି ସହର ପରିକ୍ରମା କରିଥିଲା।



ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ବଲାଙ୍ଗୀର ପୌରାଧ୍ୟକ୍ଷା, ଉପାଧ୍ୟକ୍ଷା, ଜିଲାପାଳ।

### ଜନ୍ମତିଥିରେ ଆମ୍ବେଡ଼କରଙ୍କ ସ୍ମୃତିଚାରଣ

**ନୂଆପଡ଼ା ଅଫିସ୍,୧୪।୪:** ସ୍ଥାନୀୟ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଡା. ବାବା ସାହେବ ଭିମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନୂଆପଡ଼ା ଜିଲା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉପ ଜିଲାପାଳ ତରଣିସେନ ନାଏକ, ଜିଲା ରଜକ ସମାଜ ସଭାପତି ଲୋକନାଥ ସେଠୀ, ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବରେ ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଯୋଗ ଦେଇ ଆମ୍ବେଡ଼କରଙ୍କ ଜୀବନୀ ଓ ସମ୍ବିଧାନ ଉପରେ ଆଲୋକପାତ କରିଥିଲେ। ସର୍ବପ୍ରଥମେ ଅତିଥିଗଣ ଆମ୍ବେଦକରଙ୍କ ଫଟୋ ଚିତ୍ର ଉପରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭ ସଙ୍ଗୀତ ଗାନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ସୂଚନା ଅଧିକାରୀ ଅଜୟ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭୂଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ଉଚ୍ଚ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ଆମ୍ବେଡ଼କର ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥି।

### ଅଗ୍ନିସେବା ସପ୍ତାହରେ ବାହାରିଲା ସଚେତନତା ରଥ

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅଗ୍ନିସେବା ବିଭାଗ ତରଫରୁ ସଚେତନତା ବାହାରିଛି। ଏହି ରଥର ଶୁଭାରମ୍ଭ କରିଥିଲେ ଅଗ୍ନିଶମ ବିଭାଗ ଅଧିକାରୀ ରଞ୍ଜିତ କେରକେଟା। ପ୍ରଥମ ଦିବସରେ ମୁରିବାହାଲ ଗ୍ରାମର ବିଭିନ୍ନ ପଡା ଯାଇ ରଥ ଅଗ୍ନିକାଣ୍ଡରୁ ବର୍ତ୍ତିବା ପାଇଁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ନିସମ ବିଭାଗର ମିନିକେତନ ନାଏକ, ସୁଶୀଲ ଭୋଇ, ନରେନ୍ଦ୍ର ଶ୍ରୀଧର, ସତ୍ୟବ୍ରଥ ସେଠୀ, ସୁରେନ୍ଦ୍ର ପଧାନ, ବିକ୍ରମ ନାଏକ ପ୍ରମୁଖ ଉପସ୍ଥିତି ଥିଲେ।



# ରେଳପଥ, ଏନ୍ଏଚ୍ ପାଇଁ ଜମି ଅଧିଗ୍ରହଣକୁ ଗୁରୁତ୍ୱ

■ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା
■୫ଟି ଉଚ୍ଚ ବିଦ୍ୟାଳୟକୁ ୩୦ ସୁଦ୍ଧା ଜମି ପଟ୍ଟା ବଣ୍ଟନ ନିର୍ଦ୍ଦେଶ

ସୋନପୁର,୧୪।୪(ନି. ପ୍ର )

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସୁବର୍ଣ୍ଣପୁର ଗସ୍ତରେ ଆସି ଗୁରୁବାର ଜିଲାର ରାଜସ୍ୱ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜସ୍ୱ ବିଭାଗର ବହୁ ବରିଷ୍ଠ ଅଧିକାରୀ, ଆଇଜିଆର ଭୂ ଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକ, ଏନଆଇସିର ବରିଷ୍ଠ ଅଧିକାରୀ ଅନଲାଇନରେ ଯୋଗ ଦେଇଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ଆବୋଲି ସୁନିଲ ନରୱାଣେ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଉପଜିଲାପାଳ, ଜମି ଗ୍ରହଣ ଅଧିକାରୀ, ସ୍ୱତନ୍ତ୍ର ଜମି ଗ୍ରହଣ ଅଧିକାରୀ, ତହସିଲଦାର, ରେଳ ବିଭାଗର ଅଧିକାରୀ ଓ ଅନ୍ୟାନ୍ୟ କ୍ଷେତ୍ରାଧୀକାରୀମାନେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିଲେ। ତହସିଲ ଓ ନିବନ୍ଧନ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ସମ୍ମାନ ସହିତ ସେମାନଙ୍କର ଅଭିଯୋଗ ଶୁଣିବା ଓ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଜନ ସାଧାରଣଙ୍କୁ ଆଇନ ଅନୁଯାୟୀ ଦାଖଲ ଖାରଜ ଓ ଘରବାଡ଼ି ପଟ୍ଟା ସେବା ତ୍ୱରିତ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ସୁବର୍ଣ୍ଣପୁର ଜିଲାରେ ୯୮ ଲଘୁ ଖଣିଜ ଉପରୁ ମାତ୍ର ୩୮ ଲଘୁ ଖଣିଜ ଉତ୍ସ କାର୍ଯ୍ୟକ୍ଷମ ହୋଇଛି। ଏହାକୁ ଲକ୍ଷ୍ୟ କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅବଶିଷ୍ଟ ଲଘୁ ଖଣିଜ ଉତ୍ସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ଏବଂ ବେଆଇନ ଲଘୁ ଖଣିଜ ସମ୍ପଦ ଉଠାଣ ଉପରେ କଡା ପଦକ୍ଷେପ ନେବାକୁସମସ୍ତ କ୍ଷେତ୍ରାଧିକାରୀଙ୍କୁ କହିଥିଲେ। ଜିଲାପାଳ ଓ ଅତିରିକ୍ତ ଜିଲାପାଳ ସମ୍ପୃକ୍ତ ତହସିଲଦାରମାନଙ୍କୁ ଚଢ଼ାଉ ବେଳେ ସୁରକ୍ଷା ଯୋଗାଇ ଦେବାକୁ କହିଥିଲେ। ସେହିପରି କୌଣସି ସରକାରୀ ପ୍ରକଳ୍ପ ଯଥା ରେଳବାଇ, ଜାତୀୟ ରାଜପଥ ଓ ଜଳସେଚନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ, ବରଗଡରୁ ବରପାଲି ଓ ବରପାଲିରୁ ବଲାଙ୍ଗୀର ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ତ୍ୱରିତ ଜମି ଅଧିଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବେ-ବନ୍ଦୋବସ୍ତ କେଶର ତୁରନ୍ତ ଫଇସଲା କରି ରେଳ ବିଭାଗକୁ ଦାଖଲ ଖାରଜ ମାମଲାରେ ପଟ୍ଟା ସଂଶୋଧନ କରି ରେଳପଥ କର୍ତ୍ତୃପକ୍ଷଙ୍କୁ ଜମି ହସ୍ତାନ୍ତରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ସମସ୍ତ ୫ଟି ଉଚ୍ଚ ବିଦ୍ୟାଳୟକୁ ଅପ୍ରେଲ ୩୦ ସୁଦ୍ଧା ସଂଶୋଧିତ ଜମି ପଟ୍ଟା ଦେବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏତଦ୍‌ବ୍ୟତୀତ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନକୁ ଏପ୍ରିଲ ୩୦ସୁଦ୍ଧା ଅତିରିକ୍ତ ଜିଲାପାଳଙ୍କ ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଜମି ପଟ୍ଟା ଯୋଗାଇ ଦେବାକୁ କୁହାଯାଇଥିଲା। ସେହିପରି ଯୋଗ୍ୟ ହିତାଧିକାରୀଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ ମାଧ୍ୟମରେ ଅଗ୍ରାଧିକାର ଭିତ୍ତିରେ ଜମି ଯୋଗାଇଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ଓ ସମସ୍ତ ତହସିଲଦାର ଯୋଗ ଦେଇଥିଲେ।



ସମୀକ୍ଷା ବୈଠକରେ ଅନ୍ୟ ଅଧିକାରୀଙ୍କ ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ।

## ସଂକ୍ଷେପରେ

### ଟ୍ରକ୍ ଚାପାରେ ବୃଦ୍ଧ ମୃତ

ନୂଆପଡ଼ା ଅଫିସ୍,୧୪।୪: ନୂଆପଡ଼ା ଜିଲା ଜୋଙ୍କ ଥାନା ଅନ୍ତର୍ଗତ ଖରିଆର ରୋଡ ସହରରେ ଗୁରୁବାର ସଡକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସ୍ଥାନୀୟ ପିଏଚଡି ପଡାର ସୁନାରୀ ସତନାମୀ (୭୦)। ଗୁରୁବାର ସକାଳ ପ୍ରାୟ ୭ଟା୩୦ରେ ଖଡିଆଳ ପଟୁ ରାୟପୁର ଅଭିମୁଖେ ଯାଉଥିବା ଏକ ଟ୍ରକ ଖରିଆର ରୋଡ ସହରର ମଧ୍ୟ ଭାଗରେ ଥିବା ହନୁମାନ ମନ୍ଦିର ନିକଟରେ ରାସ୍ତାକଡ଼ରେ ଛିଡା ହୋଇଥିବା ସୁନାରୀ ସତନାମୀଙ୍କ ଉପରେ ମାଡି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୁନାରୀ ହନୁମାନ ମନ୍ଦିର ପାଖରେ ବସି ଜୋତାଚପଲ ମରାମତି କରନ୍ତି। ଗୁରୁବାର ବେପାର ଆରମ୍ଭ କରିବା ପାଇଁ ଆସି ସେଠାରେ ଛିଡା ହୋଇଥିଲେ। ଟ୍ରକ ଦ୍ରୁତଗତିରେ ଆସି ବୃଦ୍ଧଙ୍କ ଉପରକୁ ଚଢି ଚାଲି ଯାଉଥିଲା। ସ୍ଥାନୀୟ ଲୋକେ ଟ୍ରକକୁ ପିଛାକରି ଅଟକାଇ ଚାଳକଙ୍କୁ ଧରି ପୋଲିସରେ ଜିମା ଦେଇଥିଲେ। ପୋଲିସ ଚାଳକଙ୍କୁ ଗିରଫ କରି ଟ୍ରକକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ବାଉଁଶୁଣୀ/ବୌଦ୍ଧ,୧୪।୪ (ଡି.ଏନ.ଏ./ସ୍ୱ.ପ୍ର.): ବୌଦ୍ଧ ବ୍ଲକ ମନମୁଣ୍ଡା ରେଞ୍ଜ ଅନ୍ତର୍ଗତ ଖଲିଆପାଲି ପଞ୍ଚାୟତର କୁମରକାନି ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କୁମରକାନୀ ଗ୍ରାମର ଦେହେରିବୁଢ଼ା ମଲ୍ଲିକ । ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୦ଟା ସମୟରେ କୁମରକାନି ଗ୍ରାମର ଦେହେରି ବୁଢ଼ା ଗ୍ରାମ ନିକଟରେ ଥିବା ଏକ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ତାଙ୍କୁ ଏକ ଭାଲୁ ଆକ୍ରମଣ କରିଥିଲା। ସେ ଜୀବନ ବିକଳରେ ଭାଲୁ ସହ ଲଢ଼ାଇ କରିଥିଲେ ହେଁ ତାଙ୍କର ମୁଣ୍ଡ ଓ ଗୋଡରେ ଆଘାତ ଲାଗିଛି । ପରେ ସେ କୌଣସି ପ୍ରକାରେ ଭାଲୁ କବଳରୁ ଖସି ଆସି ଗାଁ ମୁଣ୍ଡ ଆଡକୁ ଧାଇଁ ଆସିଥିଲେ । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସୋନପୁର ମେଡ଼ିକାଲରେ ଭର୍ତ୍ତି କରିଥିଲେ । ଦେହେରି ବୁଢ଼ା ଅତ୍ୟନ୍ତ ଗରିବ ହୋଇଥିବାରୁ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବା ଲାଗି ପରିବାର ପକ୍ଷରୁ ଦାବି କରାଯାଇଛି ।

### ବଣିକ ସଂଘ ପାଳିଲା ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି

ଡୁଙ୍ଗୁରିପାଲି,୧୪।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବଣିକ ସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ବେଳେ କର୍ତ୍ତାଭାବରେ କିଶୋର ସିଂହଦେଓ ଦାୟିତ୍ୱ ତୁଲାଇଥିଲେ। ବଣିକ ସଂଘ ସଭାପତି ପ୍ରଦୀପ କୁମାର ମିଶ୍ର ଉପସ୍ଥିତ ଥିଲେ । ପଣା ସଂକ୍ରାନ୍ତିରେ ବଜରଙ୍ଗବଲି ମନ୍ଦିରରେ ପଣା ବଣ୍ଟନ କରାଯାଇଥିଲା। ସଂଘ ଉପସଭାପତି ଲକ୍ଷ୍ମଣ ମେହେର, ସୀତାରାମ ମେହେର, ସହସମ୍ପାଦକ ସୁନୀଲ ମେହେର, ସଦସ୍ୟ ଗୋପାଳ ବାରିକ, ପବିତ୍ର ମୋହନ ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

### ରତ୍ନମୁଦ ପ୍ରତିଷ୍ଠା, ନାମଯଜ୍ଞ ସମ୍ପନ୍ନ

ପାଇକମାଲ,୧୪।୪(ଡି.ଏନ.ଏ): ପାଇକମାଲ ସଡକପଡା ବାସିନ୍ଦାଙ୍କ ପକ୍ଷରୁ ରତ୍ନମୁଦ ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି। ନାମଯଜ୍ଞରେ ଗୁପେନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀ ବିଳାସିନୀ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୁରୋହିତ ଡିଗ୍ରୀଧର ଦେବତା, ମିତ୍ରଭାନୁ ଦେବତା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ନାମଯଜ୍ଞରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପାଇକମାଲ ସଡକପଡା ନାମଯଜ୍ଞ ପରିଚାଳନା କମିଟି ସଭାପତି ଶୁକଦେବ ପ୍ରଧାନ, ଉପ ସଭାପତି ଜୟଦେବ ମଟାରୀ, ସମ୍ପାଦକ ନୀଳମଣି ସାହୁ, ସହ ସମ୍ପାଦକ ନାରାୟଣ ନାୟକ, କୋଷାଧ୍ୟକ୍ଷ ବିଜୟ ପାଣିଗ୍ରାହୀ ସହଯୋଗ କରିଥିଲେ।

### ସିକିର୍ଡ଼ିରେ ନାମଯଜ୍ଞ

ବରପାଲି,୧୪।୪(ଡି.ଏନ.ଏ): ବରଗଡ଼ ଜିଲା ବରପାଲି ବ୍ଲକ ସିକିର୍ଡ଼ି ଗ୍ରାମ ତଳିପଡ଼ାରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରାମର କିଶୋର ଭୋଇ, ସ୍ତ୍ରୀ କୁନ୍ତୀ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ପଣ୍ଡିତ ଅଶ୍ୱିନୀ ପୂଝାରୀ, ଗତି ତ୍ରିପାଠୀ, ଚୂଡ଼ାମଣି ତ୍ରିପାଠୀ, ଅରୁ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ। ନାମଯଜ୍ଞରେ ଭଟିଗାଁ, ତେଲିପାଲି, କେରମେଲି, କଲଙ୍ଗାପାଲି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ତଳିପଡ଼ାବାସୀ ନାମଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# ହନୁମାନ ମନ୍ଦିର ପ୍ରତିଷ୍ଠା, ରାବଣରାଜ୍ ଆରମ୍ଭ


ରାବଣ ଦରବାରରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ୍,୧୪।୪

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ହନୁମାନ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ବରପାଲି ବ୍ଲକ କୁଶନପୁରୀ ପଞ୍ଚାୟତ ବହିଆପଦର ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ ଆରମ୍ଭ ହୋଇଛି। ଏହି କ୍ରମରେ ଏଠାରେ ରାବଣରାଜ୍ ଆରମ୍ଭ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଏବଂ ପୂର୍ବତନ ବିଧାୟକ ସାଧୁ ନେପାକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟ ଗୋବିନ୍ଦ ଭୋଇ, ମାଲୁ ଭୋଇ, ପୂର୍ବତନ ଜିଲା ପରିଷଦ ସଭ୍ୟ ଜୟଦେବ ଗଡ଼ତିଆ, ପୂର୍ବତନ ସରପଞ୍ଚ ରବି ସାହୁ, ଭକ୍ତ ବାବୁ, ମୁକେଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତ ବେଦମନ୍ତ୍ର ପାଠ କରିଥିବାବେଳେ ରୁନୁ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ସାହାଜବାହାଲ ହନୁମାନ ଜୟନ୍ତୀ ପୂଜା କମିଟି ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ପ୍ରଭାସିନୀ ପ୍ରଧାନ, ସନ୍ତୋଷ ସା, ହୃଦୟାନନ୍ଦ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ଗୋବିନ୍ଦପୁର ଶିବିରରେ ୨୫ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡା. ନିରଞ୍ଜନ ପ୍ରଧାନ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ।

# ବାଇକ୍‌କୁ ପିଟିଲା କାର: ଚିକିତ୍ସାଧୀନ ଶାଶୁ, ଜ୍ୱାଇଁ ମୃତ

ବୌଦ୍ଧ/କନ୍ଧମାଳ/ବାଉଁଶୁଣୀ, (ସ୍ୱ.ପ୍ର.//ଡି.ଏନ.ଏ.)୧୪।୪

ବୌଦ୍ଧ ଜିଲା ଦହ୍ୟା ଗ୍ରାମ ପଞ୍ଚାୟତର କାଦପଦର ଛକ ନିକଟରେ ଘଟିଥିବା ଏକ ସଡକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ଶାଶୁ ଓ ଜ୍ୱାଇଁଙ୍କର ଗୁରୁବାର ମୃତ୍ୟୁ ଘଟିଛି । ମୃତକ ହେଲେ କୁମରକାନି ଗ୍ରାମର ସମାରୁ ଜାଲ ଓ ତାଙ୍କ ଶାଶୁ ସାବିତ୍ରୀ ଷାଣ୍ଢ। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ସମାରୁ ଏକ ବାଇକ୍‌ରେ ଶାଶୁ ବୀରମହାରାଜପୁର ଥାନା ସହାରାପାଲି ଗ୍ରାମର ସାବିତ୍ରୀ ଓ ଝିଅଙ୍କୁ ବସାଇ ନିଜ ଗ୍ରାମକୁ ଯାଉଥଲେ । ଏହି ସମୟରେ ରକସ୍ୱା ଗ୍ରାମ ପଟୁ ଦହ୍ୟା ଆଡକୁ ଦ୍ରୁତଗତିରେ ଆସୁଥିବା ଏକ କାର ( ଓଡି-୦୨ଜେ ୪୨୨୫) ତାଙ୍କ ବାଇକ୍(ଓଡି-୩୧-ଏଚ-୬୩୨୬)କୁ ଧକ୍କା ଦେଇଥିଲା। ଫଳରେ ଉକ୍ତ ବାଇକ୍ ଚଳାଉଥିବା ସମାରୁ , ତାଙ୍କ ଶାଶୁ ଓ ଝିଅ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ତିନିଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାଉଁଶୁଣୀ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଇଥିଲେ। ପରେ ସେମାନଙ୍କୁ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶାଶୁଙ୍କ ମୃତ୍ୟୁ ହୋଇଥିଲା। ନାବାଳିକା ଝିଅ ଓ ସମାରୁଙ୍କୁ ବୁର୍ଲା ଡାକ୍ତରଖାନା ପଠାଯାଇଥିଲା। ଗୁରୁବାର ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ସମାରୁଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଘଟାଇଥିବା କାର ଚାଳକ କାର ଛାଡି ଫେରାର ହୋଇ ଯାଇଥିବା ଜଣାପଡିଛିକ୍। ମନମୁଣ୍ଡା ପୋଲିସ ଦୁର୍ଘଟଣାଗ୍ରସ୍ତ କାର ଓ ବାଇକ୍‌କୁ ଜବତ କରିଛି।

# ସ୍ୱାମୀ ମୃତ, ଦୁଇ ଛୁଆଙ୍କ ସହ ସ୍ତ୍ରୀ ଗୁରୁତର

ଭାରସାମ୍ୟ ହରାଇ ଗଛରେ ପିଟି ହେଲା କାର

ବୌଦ୍ଧ,୧୪।୪(ସ୍ୱ.ପ୍ର.)

ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ହରେକୃଷ୍ଣପୁର ମନ୍ଦିର ଛକ ନିକଟରେ ଗୁରୁବାର ଏକ କାର ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଘଟଣାସ୍ଥଳରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ କାରରେ ଥିବା ଦୁଇ ଛୁଆଙ୍କ ସହିତ ସ୍ତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଛତିଶଗଡ ରାୟପୁରର ବାସିନ୍ଦା ଦୀପକ ଭାଡେର ନିଜ ସ୍ତ୍ରୀ ସୀମା ଏବଂ ଦୁଇ ଛୋଟ ଝିଅ ପାଳକ ଓ ଖୁସିଙ୍କ ସହ ନିଜେ କାର (ନଂ ସିଜି-୦୪-ଏଚଡି-୯୯୯୧) ଚଳାଇ ପୁରୀ ଅଭିମୁଖେ ଯାଉଥିଲେ। ତେବେ କାରଟି ବୌଦ୍ଧ ପଟୁ ଚାରିଛକ ଆଡକୁ ଯାଉଥିବା ବେଳେ ହରେକୃଷ୍ଣପୁର ଠାରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତାକଡର ଏକ ଲିମ୍ବ ଗଛରେ ପିଟି ହୋଇ ଯାଇଥିଲା । ଫଳରେ ଗାଡି ଚାଳକ ଦୀପକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ କାରରେ ବସିଥିବା ସ୍ତ୍ରୀ ସୀମା ଓ ୨ ଛୋଟ ଝିଅ ଗୁରୁତର ଆହାତ ହୋଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପୁରୁଣାକଟକ ଡାକ୍ତରଖାନାକୁ ପଠାଇଥିଲେ। ସୀମାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ବେଳେ ଦୁଇ ଝିଅ ବିପଦ ମୁକ୍ତ ଥିବା ଜଣାପଡିଛି। ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ତହସିଲଦାରଙ୍କୁ ଜିନ୍ଦାବାଦ ସଙ୍ଗଠନର ଦାବିପତ୍ର

କଣ୍ଟାବାଞ୍ଜି,୧୪।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲାରେ ଜନମଙ୍ଗଳକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଏଭଳି ଅଭିଯୋଗ ଆଣି ଜିନ୍ଦାବାଦ ସଂଗଠନ ତୁରେକେଲା ପକ୍ଷରୁ ଗୁରୁବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୩୨ଦଫା ସମ୍ବଳିତ ଏକ ଦାବିପତ୍ର କଣ୍ଟାବାଞ୍ଜି ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଏଠାରେ କାମଧନ୍ଦା ମିଳୁ ନ ଥିବାରୁ ଶ୍ରମଜୀବୀମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକଥନୀୟ ନିର୍ଯାତନାର ଶିକାର ହେଉଛନ୍ତି। ସେମାନଙ୍କ ପିଲାମାନେ ଉପଯୁକ୍ତ ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ସ୍ଥାନୀୟ ଗୋରୁ ବଜାରରୁ ସଂଗଠନର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ଆସି ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ହୋଇଥିଲା । ଆଇନଜୀବୀ ବିଷ୍ଣୁ ପ୍ରସାଦ ଶର୍ମା, ସାମାଜିକ କର୍ମୀ ସୁରଥ ବେହେରା ଆଦିବାସୀ ଜନଜାତିଙ୍କ ବିଭିନ୍ନ ଅଧିକାର ଉପରେ ମତ ରଖିଥିଲେ। ପରେ ସଂଗଠନର କେନ୍ଦ୍ର ସଭାପତି ଲୋଚନ ବରିହା ସଂଗ୍ରାମୀ ଗୀତ ମାଧ୍ୟମରେ ନିଜର ମତ ରଖିଥିଲେ। ପରେ ସଙ୍ଗଠନ ଉପଦେଷ୍ଟା ତ୍ରିଲୋଚନ ପୁଞ୍ଜି ଓ ବିଷ୍ଣୁପ୍ରସାଦ ଶର୍ମାଙ୍କ ନେତୃତ୍ୱରେ ଦାବିପତ୍ର ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆଙ୍କୁ ପ୍ରଦାନ କରାଯାଇଥିଲା।

# ହନୁମାନ ଜୟନ୍ତୀରେ ବାହାରିଲା ଶୋଭାଯାତ୍ରା

ପାଟଣାଗଡ/ଅମରପାଲ ୧୪।୪(ଡି.ଏନ.ଏ.)

ହନୁମାନ ଜୟନ୍ତୀ ପାଳନ ଅବସରରେ ପାଟଣାଗଡ ସହର ଚଳଚଞ୍ଚଳ ହୋଇ ଉଠିଥିଲା। ବଜରଙ୍ଗ ଦଳ ତରଫରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଭଗବାନ ରାମଙ୍କ ଏକ ଭବ୍ୟ ରଥ ପଞ୍ଚମୁଖୀ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଜୟ ଶ୍ରୀରାମ, ଜୟ ହନୁମାନ ଧ୍ୱନିରେ ସାରା ସହର ପ୍ରକମ୍ପିତ ହୋଇପଡିଥିଲା। ଶୋଭାଯାତ୍ରାରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ବଳରାମ ସିଂ ଯାଦବ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଟଣାଗଡ ବଜରଙ୍ଗ ଦଳ ସଂଯୋଜକ ରିଲୁ ବଡପଣ୍ଡା, ସହ ସଂଯୋଜକ ବାଦଲ ମିଶ୍ର, ଗିରିରାଜ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ହନୁମାନ ଜୟନ୍ତୀ ଅବସରରେ ଶୋଭାଯାତ୍ରା କରାଯାଇଛି। ପଥରଘାଟସ୍ଥିତ ପଞ୍ଚମୁଖୀ ହନୁମାନଙ୍କଠାରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ବାହାରି ବୀରମହାରାଜପୁର ଛକ ପରିକ୍ରମା କରିଥିଲା । ବଜରଙ୍ଗ ଦଳ ସଂଯୋଜକ ଶୁଭମ ହୋତାଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାକୁ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଭୋଇ, ଉପାଧ୍ୟକ୍ଷ ନାରାୟଣ ଲୁହା, କିଶୋର ହୋତା ପ୍ରମୁଖ ଶୁଭାରମ୍ଭ କରିଥିଲେ। ଶିବୁ ଥନାପତି, ଶିବୁ ପୁରୋହିତ, ଶୁଭମ ଭୋଇ, ଅବିନାଶ କର୍ଣ୍ଣଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗ ଦେଉଥିଲେ ।


ବୀରମହାରାଜପୁରରେ ହନୁମାନ ଜୟନ୍ତୀ ଅବସରରେ ବାହାରିଥିବା ଶୋଭାଯାତ୍ରା।

# ଅଷ୍ଟ ହନୁମାନ ପୀଠରେ ସ୍ୱତନ୍ତ୍ର ପୂଜା

ସୋନପୁର,୧୪।୪(ନି.ପ୍ର.)

ଓଡ଼ିଆ ନବବର୍ଷ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀରେ ଗୁରୁବାର ପାଳିତ ହୋଇଯାଇଛି। ସକାଳୁ ସୋନପୁର ସହରର ଅଷ୍ଟ ଚଣ୍ଡୀ- ସୁରେଶ୍ୱରୀ, ରାମଚଣ୍ଡୀ, ଭଗବତୀ, ଖମ୍ବେଶ୍ୱରୀ, ବିମଳାକ୍ଷୀ, ନାରାୟଣୀ, ସମଲେଶ୍ୱରୀ ଓ ଦଶମତୀ, ଅଷ୍ଟଶମ୍ଭୁ- ସୁବର୍ଣ୍ଣମେରୁ, ରାମେଶ୍ୱର, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ସିଦ୍ଧେଶ୍ୱର, ଲୋକନାଥ, ରୁଦ୍ରନାଥ ଓ ବାଲୁଙ୍କେଶ୍ୱରଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ଅଷ୍ଟ ବିଷ୍ଣୁ-ଗୋପାଳଜୀଉ, ଦେବାର୍ଚ୍ଚନ ଗୋପାଳଜୀଉ, ଜଗନ୍ନାଥ, ନୃସିଂହନାଥ, ଦଧିବାମନ, ରାମଜୀ, ଗୋପୀନାଥ ଓ ବୃନ୍ଦାବନ ବିହାରୀଙ୍କ ପୀଠରେ ମଧ୍ୟ ବିଶେଷ ପୂଜାର୍ଚ୍ଚନା ହୋଇଥିଲା। ସେହିପରି ହିନ୍ଦୁମାନଙ୍କର ଏକ ପ୍ରମୁଖ ପର୍ବ ହନୁମାନ ଜୟନ୍ତୀ ଜିଲାର ବିଭିନ୍ନ ସ୍ଥାନରେ ଭକ୍ତିର ସହ ପାଳିତ ହୋଇଯାଇଛି। ଏଥିପାଇଁ ସୋନପୁର ସହରକୁ ଗେରୁଆ ପତାକାରେ ସଜାଯାଇଥିଲା।

ଅଷ୍ଟ ହନୁମାନଙ୍କ ପୀଠରେ ଗୁରୁବାର ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା। ସହରର ବଡ଼ ହନୁମାନ, ଧାର ହନୁମାନ, ଝାର ହନୁମାନ, ଘର ହନୁମାନ, ପର ହନୁମାନ, ବାଟ ହନୁମାନ, ଗଡ଼ ହନୁମାନ ଓ ଘାଟ ହନୁମାନ ପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରମାନଙ୍କରେ ହନୁମାନ ଚାଳିଶା ପାଠ ସହ ପଣା ବିତରଣ କରାଯାଇଥିଲା। ହନୁମାନ ଜୟନ୍ତୀ ଅବସରରେ ବଜରଙ୍ଗ ଦଳ ପକ୍ଷରୁ ମଧ୍ୟାହ୍ନରେ ଏକ ଝଣ୍ଡା ଶୋଭାଯାତ୍ରା ସ୍ପିନିଂ ମିଲ୍ ନିକଟସ୍ଥ ବାଲାଜୀ ମନ୍ଦିରରୁ ବାହାରି ବ୍ଲକ ଛକ, ପଟାଭାଡି ଛକ, ନଳିନୀ ଛକ, ବଡ଼ବଜାର, ଗୁଣ୍ଡିଚା ମନ୍ଦିର, ଟିକିରିପଡା, ମଝିପଡା, ଘୋଡ଼ାଘାଟପଡା ଓ ହିକୁଡି ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଝଣ୍ଡା ଧାରଣକାରୀଙ୍କ ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇ ଉଠିଥିଲା। ବଜରଙ୍ଗ ଦଳର ଜିଲା ସଭାପତି ଜିତୁ ବଡ଼ମାଳୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାପଥର ପଞ୍ଚାୟତ ସମିତିସଭ୍ୟ ତଥା ସମାଜସେବୀ ଅରବିନ୍ଦ ବାରିକ୍, ସତ୍ୟ ନାରାୟଣ ଦରୱାନ, ସୁବାସ ପଣ୍ଡା, କାଉନ୍‌ସିଲର ଗଙ୍ଗାଧର ତରିଆ, ସ୍ୱରୂପ ପାତ୍ର, ସୁବ୍ରତ ବାରିକ୍, ମାନସ ପାଢ଼ୀ, ଅମିତ ମହାପାତ୍ର, ଶିବୁ ବେହେରା, ସୁଦର୍ଶନ ପଣ୍ଡା, ଦୀପକ ମହାପାତ୍ର, ସଞ୍ଜୟ ମହାପାତ୍ର ଓ କାର୍ତ୍ତିକ ତରିଆ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।


ହନୁମାନ ଜୟନ୍ତୀ ଅବସରରେ ସହରରେ ଅନୁଷ୍ଠିତ ଝଣ୍ଡା ଶୋଭାଯାତ୍ରା।

ସୁବର୍ଣ୍ଣପୁରରେ ଓଡ଼ିଆ ନବବର୍ଷ

### ବିଜ୍ଞପ୍ତିକୁ ବର୍ଷେ ବିତିଲା, ପୂରଣ ହୋଇନି ପଦବୀ

ବରପାଲି,୧୪।୪(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତିରେ ସମ୍ପାଦକ ପଦବୀ ଖାଲି ପଡ଼ିଛି। ଏହି ପଦବୀ ପାଇଁ ପ୍ରାୟ ବର୍ଷେ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଏବଂ ତାହା ଏପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ଫଳରେ ପୂର୍ବ ବିଜ୍ଞପ୍ତିକୁ ରଦ୍ଦ କରି ପୁଣିଥରେ ବିଜ୍ଞପ୍ତି ପ୍ରକାଶ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ପ୍ରକାଶ ଯେ, ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଅବସର ପରେ ବରପାଲି ସମିତିର ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱ ନେଇ ସେଠାରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସେ ୨ଟି ସମିତିର ଦାୟିତ୍ୱରେ ରହିଥିବାରୁ ଚାଷୀମାନେ ଉପଯୁକ୍ତ ସେବା ପାଇ ପାରୁ ନ ଥିବା ଅଭିଯୋଗ କରିଛନ୍ତି। ୨୦୨୧ ମାର୍ଚ୍ଚ ୨୪ରେ ସମ୍ପାଦକ ପଦବୀ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦବୀ ପାଇଁ ୨୭ଜଣ ଆଶାୟୀ ଆବଶ୍ୟକ ଫି ଜମା ଦେଇ ଆବେଦନ କରିଥିଲେ। ହେଲେ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯିବା ସତ୍ତ୍ୱେ ପଦବୀ ପୂରଣ ହୋଇପାରିନାହିଁ। ଫଳରେ ଆବେଦନ କରିଥିବା ପ୍ରାର୍ଥୀମାନେ ଏଥିରେ କିଛି ଅନିୟମିତତା ହୋଇଥିବା ଅଭିଯୋଗ କରି ପୁଣିଥରେ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ସହକାରୀ ସମବାୟ ନିବନ୍ଧକଙ୍କଠାରେ ଦାବି କରିଛନ୍ତି।

### ରାମ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଦେଓଗାଁ,୧୪।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉଡାରରେ ନବନିର୍ମିତ ଶ୍ରୀରାମ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ୧୬ ପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଯାଇଛି। କର୍ତ୍ତା ଭାବେ ଦେବେନ୍ଦ୍ର ସାହୁ, ସୁଶାନ୍ତ ମହାକୁର, ବିଟଲ ପଧାନ, ଜୀବର୍ଦ୍ଧନ ପଧାନ ସସ୍ତ୍ରୀକ ଦାୟିତ୍ୱରେ ରହିଥିଲେ। ପ୍ରହରି କର୍ତ୍ତା ଭାବେ ଶଙ୍କର ପଧାନ ଓ ପୁଷ୍ପାଞ୍ଜଳି ପଧାନ ଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପରିଚାଳନା କମିଟି ସଭାପତି ଦଳଗଞ୍ଜନ ପଧାନ, ସମ୍ପାଦକ ସନାତନ ସାହୁ, ରାମ୍‌ଜୀ କମିଟି ଓ ଗ୍ରାମବାସୀ।

### ଜାତୀୟ ଅଗ୍ନି ସୁରକ୍ଷା ସପ୍ତାହ ପାଳିତ

କଣ୍ଟାବାଞ୍ଜି,୧୪।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଗ୍ରୀଡ୍ ପରିସରରେ ଟିପିଡବ୍ଲୁଓଡିଏଲ ଦ୍ୱାରା ଜାତୀୟ ଅଗ୍ନି ସୁରକ୍ଷା ସପ୍ତାହ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରୀଡ୍, ଟ୍ରାନ୍ସଫର୍ମର, କେବୁଲ ତଥା କାର୍ଯ୍ୟସ୍ଥଳରେ ନିଆଁ ଲାଗିଲେ କିପରି ଲିଭାଯାଇ ପାରିବ ତାହା ଉପରେ ଅଗ୍ନିଶମ ବିଭାଗ ବିଦ୍ୟୁତ୍ କର୍ମଚାରୀଙ୍କୁ ତାଲିମ ଦେଉଛି। କଣ୍ଟାବାଞ୍ଜି ବିଦ୍ୟୁତ୍ ସବ୍‌ଡିଭିଜନ ଅଧୀନ ତୁରେକେଲା, ମୁରିବାହାଲ ଓ କଣ୍ଟାବାଞ୍ଜି ସେକ୍ସନ ଅଧୀନରେ କାର୍ଯ୍ୟ କରୁଥିବା ଲାଇନ୍‌ମ୍ୟାନ, ହେଲ୍‌ପରଙ୍କୁ ଏହି ତାଲିମ ଦିଆଯାଇଛି। ଅଗ୍ନିଶମ ବିଭାଗ କଣ୍ଟାବାଞ୍ଜି ଅଧିକାରୀ ଅସିତ କୁମାର ଜେନା, ଏଲ୍‌ଏମ୍‌ଏଫ୍ ଚୈତନ୍ୟ ମହାରଣା, ଅଭିନାଶ ପଣ୍ଡା ଏଥିରେ ସହଯୋଗ କରିଥିଲେ । ଟାଟା ପାୱାରର କଣ୍ଟାବାଞ୍ଜି ଏସ୍‌ଡିଓ ଅବନୀକାନ୍ତ ମହାରଣା, ଜେଇ ନିରୋଜ କୁମାର ମେହେର, ସୁନୀଲ କୁମାର ସ୍ୱାଇଁ, ମହମ୍ମଦ ଜୁନେଦ, ସେଫ୍ଟି ଅଫିସର ସଞ୍ଜୀବ କୁମାର ହୋତା, ବ୍ରେକ୍‌ଡାଉନ ଇଞ୍ଜିନିୟର ଅଜୟ କୁମାର ବେହେରା, ପ୍ରଭୁଦତ୍ତ ବେହେରା, ସଞ୍ଜୟ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ମୋ ସ୍କୁଲ ଅଭିଯାନରେ ୫୦ଲକ୍ଷ ସଂଗ୍ରହ

ଅମରପାଲି, ୧୪।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲଠାରେ ଆୟୋଜିତ ବ୍ଲକସ୍ତରୀୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଲଷ୍ଟରରୁ ସର୍ବମୋଟ ୫୦ ଲକ୍ଷ ୬୦୦ ଟଙ୍କା ସଂଗ୍ରହ ହୋଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ବୀରମହାରାଜପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଦୟାସାଗର କଳତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚକ୍ରେଶ୍ୱର ଦାଶ ଓ ଲକ୍ଷ୍ମଣ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।